visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.24 . No.274 Bhubaneswar Wednesday, December 22, 2021 | ୨୪ତମ ବର୍ଷ | ସଂଖ୍ୟା-୨୭୪ | ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୨, ୨୦୨୧ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS


## ସରକାରୀ ପାଣ୍ଠିରେ ନବୀନଙ୍କ ନିର୍ବାଚନୀ ଭେଟି, ବିରୋଧୀଙ୍କ ଅକଲଗୁଡୁମ୍



ଭୁବନେଶ୍ୱର, ୨୧।୧୨(ପି.ଏନ): ପଂଚାୟତ ନିର୍ବାଚନ ପାଇଁ ଯେକୌଣସି ମୁହୂର୍ତ୍ତରେ କାର୍ଯ୍ୟସୂଚୀ ଘୋଷଣା ହେବାର ଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ରାଜ୍ୟ କ୍ୟାବିନେଟରେ ୩୦ଲକ୍ଷ ପରିବାରକୁ ୩ରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ଘର ମରାମତି ସହାୟତା ଦେବା ପ୍ରସ୍ତାବକୁ ଅନୁମୋଦନ କରାଇବା ସହ କେନ୍ଦ୍ର ସରକାର 'ପ୍ରଧାନମନ୍ତ୍ରୀ ଆବାସ' ଯୋଜନାରେ ଘର ନଦେଲେ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ଘୋଷଣା କରିଛନ୍ତି। ଏହାସହିତ ଗତକାଲି ୯୬.୫ଲକ୍ଷ ପରିବାରକୁ ଜୀବିକା ସହାୟତା ବାବଦରେ ୧ହଜାର ଟଙ୍କା ମଧ୍ୟ ଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ତେବେ ପଂଚାୟତ ନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ଭୋଟରଙ୍କ ଆକାଉଣ୍ଟକୁ ଏହି ଅର୍ଥ ସ୍ଥାନାନ୍ତର ହେବା ନିଶ୍ଚିତ ଭାବେ ରାଜନୈତିକ ହଟଚମଟ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି । ସରକାରୀ ପାଣ୍ଠିରେ ନବୀନଙ୍କ ଏଭଳି ରାଜନୈତିକ ମାଷ୍ଟରଷ୍ଟ୍ରୋକ୍ ଏବେ ବିରୋଧୀଙ୍କୁ ଅକଲଗୁଡୁମ୍ କରିଦେଇଥିବା ଚର୍ଚ୍ଚା ହେଉଛି ।ଆଜି ସନ୍ଧ୍ୟାରେ ଅନୁଷ୍ଠିତ କ୍ୟାବିନେଟ ବୈଠକ ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଣମାଧ୍ୟମକୁ ଜାରି କରାଯାଇଥିବା ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ୨୦୧୪ର ପ୍ରଥମ କ୍ୟାବିନେଟ ବୈଠକରେ ସବୁ କଚ୍ଚା ଘରକୁ ପକ୍କା କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ଏ ଦିଗରେ ବହୁତ ଭଲ କାମ ହୋଇଛି । ଗ୍ରାମାଂଚଳରେ ଘର ତିଆରି କରିବାରେ ଓଡିଶା ସମଗ୍ର ଦେଶରେ ଏକ ଆଗୁଆ ରାଜ୍ୟ । ଏଥିପାଇଁ ରାଜ୍ୟ ସରକାର ୨୦୧୪ ମସିହାରୁ ୨୨ହଜାର କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରିସାରିଲେଣି । ଗାଁର ଗରିବ ଲୋକମାନଙ୍କୁ ପକ୍କା ଘର ଦେବା ପାଇଁ ରାଜ୍ୟ ସରକାର ନିଜ ପାଣ୍ଠିରୁ ବିଜୁ ପକ୍କାଘର, ନିର୍ମାଣ ଶ୍ରମିକ ପକ୍କାଘର ଓ ଖଣି ଅଂଚଳ ପକ୍କାଘର ଯୋଜନା କରିଛନ୍ତି । କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ରାଜ୍ୟ ସରକାର ପ୍ରାୟ ଅଧା ଖର୍ଚ୍ଚ ବହନ କରୁଛନ୍ତି । ଅନେକ ଯୋଗ୍ୟ ପରିବାର କେନ୍ଦ୍ରର ଆବାସ ଯୋଜନାରେ ଘରଟିଏ ପାଇବାକୁ ଅପେକ୍ଷା କରି ରହିଛନ୍ତି । ପଶ୍ଚିମ ଓଡିଶା ଓ ଜନଜାତି ଅଂଚଳ ପରି ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାର ଲୋକମାନେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି । ତେଣୁ କୋଭିଡ୍ ଯୋଗୁ ଗରିବ ପରିବାରର କଷ୍ଟକୁ ଉପଲବ୍ଧ କରି ରାଜ୍ୟ ସରକାର ଘରର ଛୋଟମୋଟ ମରାମତି କରିବା, ଚୂନ ଦେବା ପାଇଁ ରାଜ୍ୟ କ୍ୟାବିନେଟରେ ଏହି ଐତିହାସିକ ନିଷ୍ପତ୍ତି ନେଇଛନ୍ତି।

## ସରକାରଙ୍କ ହାତରେ ବାଂଟି, ଭୋଟ ନେବା ଷଡଯନ୍ତ୍ର ବିଫଳ ହେବ : ବିଜେପି




ଭୁବନେଶ୍ୱର, ୨୧।୧୨(ପି.ଏନ): ଉଭୟ ବିଏସକେୱାଇ ଯୋଜନା ଏବଂ ସ୍ୱାସ୍ଥ୍ୟ ସ୍ମାର୍ଟ କେବଳ ନିର୍ବାଚନୀ ଧୂଆଁ ବାଣ ଏବଂ ବାସ୍ତବରେ ଏହି ଯୋଜନାରେ କୌଣସି ଗରୀବ ରୋଗୀ ଲାଭାନ୍ୱିତ ହେବେ ନାହିଁ । ସାଧାରଣ ଲୋକଙ୍କ ମନରେ ଏହାକୁ ନେଇ କ୍ଷୋଭ ପ୍ରକାଶ ପାଇଛି । ପଂଚାୟତ ନିର୍ବାଚନ ଆଚରଣ ବିଧି ଲାଗୁ ହେବାକୁ ଯାଉଛି । ଏହି ସମୟରେ ହିତାଧିକାରୀମାନଙ୍କ ବ୍ୟାଂକ ଆକାଉଂଟକୁ ଟଙ୍କା ନ ପଠାଇ ଅଧିକାରୀମାନଙ୍କ ଜରିଆରେ ହିତାଧିକାରୀମାନଙ୍କ ହାତରେ ନଗଦ ଟଙ୍କା ପ୍ରଦାନ କରି ପଂଚାୟତ ନିର୍ବାଚନକୁ ପ୍ରଭାବିତ କରିବାର ହୀନ ପ୍ରୟାସ ଶାସକ ବିଜେଡି କରିଛି । କୋଭିଡ୍ ସହାୟତା ପାଇଁ କେନ୍ଦ୍ର ସରକାର ରାଷ୍ଟ୍ରୀୟ ଜୀବିକା ମିଶନରେ ପଠାଇଥିବା ପର୍ଯ୍ୟାପ୍ତ ପରିମାଣର ସହାୟତା ଟଙ୍କାକୁ ହଡପ୍ ଓ ଚଂଚକତା କରି ସେହି ଅର୍ଥକୁ ସଠିକ ସମୟରେ ନଦେଇ ବର୍ତ୍ତମାନ ନିର୍ବାଚନ ପରିପ୍ରେକ୍ଷୀରେ ଭୋଟ ଆପାଣାଇବା ପାଇଁ ଦଳୀୟ ଭିତିରେ ଟଙ୍କା ବାଂଟୁଛନ୍ତି ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି । ଆଗାମୀ ପଂଚାୟତ ନିର୍ବାଚନରେ ଦୁର୍ନୀତି ଓ ଭ୍ରଷ୍ଟାଚାରୀ ଶାସକ ବିଜେଡି ସପକ୍ଷରେ ଓଡିଶାବାସି ଭୋଟ ଦେବେ ନାହିଁ ବୋଲି ଭଲ ଭାବେ ଜାଣିସାରିଛନ୍ତି । ତେଣୁ ନିର୍ବାଚନକୁ ପ୍ରଭାବିତ କରି ଭୋଟ ହାତେଇବା ପାଇଁ ଶାସକ ବିଜେଡି ନିର୍ବାଚନ ପୂର୍ବରୁ ଟଙ୍କା ବାଂଟିବାର ଉଦ୍ୟମ ଆରମ୍ଭ କରିଦେଇଛି । ଏପରିକି ପଂଚାୟତ ନିର୍ବାଚନ ଚାଲୁଥିବା ସମୟରେ ମଧ୍ୟ ଏହି ଟଙ୍କାକୁ ବଂଟନ କରି ଭୋଟ ହାତେଇବାର ଅତ୍ୟନ୍ତ ହୀନ ଷଡଯନ୍ତ୍ର ଶାସକ ବିଜେଡି ତରଫରୁ କରାଯାଉଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

## ଓଡିଶାରେ ୨ ଓମିକ୍ରନ୍ ସଂକ୍ରମିତ

ଭୁବନେଶ୍ୱର, ୨୧।୧୨(ପି.ଏନ): ଓଡ଼ିଶାରେ ୨ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଦୁଇ ଜଣଙ୍କ ଜିନୋମ୍ ସିକ୍ୱେନ୍ସିଂରୁ ଓମିକ୍ରନ୍ ଭୂତାଣୁ ଚିହ୍ନଟ ହୋଇଛି। ଜଣେ ନାଇଜେରିଆ ଓ ଅନ୍ୟ ଜଣେ କତାରରୁ ଫେରିଥିବା ସୂଚନା ମିଳିଛି। ଦୁଇ ଜଣଙ୍କ ମଧ୍ୟରୁ ଜଣେ ଜଗତସିଂହ ପୁରର ହୋଇଥିବା ବେଳେ କଟକରେ ତାଙ୍କର ଚିକିତ୍ସା ଚାଲିଛି। ସେହିପରି ଆଉ ଜଣେ ଆକ୍ରାନ୍ତ ଖୋର୍ଦ୍ଧା ଜିଲ୍ଲାର ବୋଲି ଜଣାପଡିଛି। ଦୁଇ ଜଣ ପୁରୁଷ। ଉଭୟଙ୍କର ବୟସ ଯଥାକ୍ରମେ ୪୩ ଓ ୪୧। ଆଇଏଲଏସ୍ ନିର୍ଦ୍ଦେଶକ ଅଜୟ ପରିଡ଼ା ଏହି ସୂଚନା ଦେଇଛନ୍ତି । ତେବେ ଉଭୟ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲଥିବା ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି ।ସେପଟେ ରାଜ୍ୟରେ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହେଲା ପରେ ସରକାରଙ୍କ ତତ୍ପରତା ପ୍ରକାଶ ପାଇଛି। ଲୋକସେବା ଭବନରେ ଉଚ୍ଚସ୍ତରୀୟ ବୈଠକ ଡକାଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟ ଅଧିକାରୀଙ୍କୁ ନେଇ ବୈଠକ ବସିଛି ।ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଂଜନ ମିଶ୍ର କହିଛନ୍ତି, ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେମାନେ ବିଦେଶରୁ ଆସିବା ପରେ ଆଇସୋଲେସନରେ ଥିଲେ। ଉଭୟଙ୍କ କଂଟାକ୍ଟ ଟ୍ରେସିଂରୁ ଜଣାପଡ଼ିଛି ଯେ ଜଣେ ୧୧ ଜଣଙ୍କ ସଂସ୍ପର୍ଶରେ ଆସିଥିବା ବେଳେ ଅନ୍ୟ ଜଣେ ୧୦ ଜଣଙ୍କ ସଂସ୍ପର୍ଶରେ ଆସିଛନ୍ତି। ଉଭୟଙ୍କ ଉପରେ ନଜର ରଖାଯାଇଛି। ଏଥିନେଇ ଭୟଭୀତ ନ ହେବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଂଜନ ମିଶ୍ର ପରାମର୍ଶ ଦେଇଛନ୍ତି ।ଜଣଙ୍କର ଲକ୍ଷଣ ନଥିବା ବେଳେ ଅନ୍ୟ ଜଣଙ୍କର ସ୍ୱଳ୍ପ ଲକ୍ଷଣ ଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ଗତ ନଭେମ୍ବର ୨୧ ପରଠାରୁ ସର୍ଭେଲାନ୍ସରେ ରଖାଯାଇଥିଲା। ୮ ହଜାର ୮୦୦ରୁ ଅଧିକ ଯାତ୍ରୀ ବିଦେଶରୁ ଆସିଥିଲେ।

## ଗୋଟିଏ ଦିନରେ ୧୪୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୧।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୪୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୩୧୬୬ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୨ ହଜାର ୮୭୫ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୭୯୨ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୪୬ ଜଣଙ୍କ ମଧ୍ୟରୁ ୮୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୭୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ବାଲେଶ୍ୱର ଜିଲ୍ଲାରୁ ୪ ଓ ବରଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଭଦ୍ରକ ଜିଲ୍ଲାରୁ ୨ ଜଣ ସଂକ୍ରମିତ ହୋଇଥିବା ବେଳେ ବଲାଙ୍ଗୀର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଟକରୁ ୧୪ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ଥିବା ବେଳେ ଓ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଯାଜପୁରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।ଖୋର୍ଦ୍ଧାରୁ ୭୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁରରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୯ ଜଣ ଓ ଷ୍ଟେଟ୍ ପୁଲରୁ ୨୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଢିଙ୍କିଆରେ ପୋଲିସର ଆତଙ୍କରାଜକୁ ସିପିଆଇର ନିନ୍ଦା

ଭୁବନେଶ୍ୱର, ୨୧।୧୨(ପି.ଏନ): ଗତକାଲି ଜଗତ୍‌ସିଂହପୁର ଜିଲ୍ଲାର ଢିଙ୍କିଆ ଗ୍ରାମରେ ପ୍ରସ୍ତାବିତ ଜିନ୍ଦଲର ଇସ୍ପାତ କାରଖାନାକୁ ବିରୋଧ କରୁଥିବା ଗ୍ରାମବାସୀମାନଙ୍କ ଉପରେ ପୋଲିସର ଆକ୍ରମଣ, ଆତଙ୍କରାଜ ଓ ଗିରଫଦାରୀକୁ ସିପିଆଇ ନିନ୍ଦା କରିଛି। ଯେଉଁ କାରଣରୁ ଢିଙ୍କିଆର ଜନସାଧାରଣ ପୋସ୍କୋ ପ୍ରକଳ୍ପକୁ ବିରୋଧ କରୁଥିଲେ, ସେହି କାରଣରୁ ଜିନ୍ଦଲର ପ୍ରସ୍ତାବିତ କାରଖାନାକୁ ବିରୋଧ କରୁଛନ୍ତି। ମାତ୍ର ରାଜ୍ୟ ସରକାର ଓ ପ୍ରଶାସନ ଜନସାଧାରଣଙ୍କ ଜୀବନ ଓ ଜୀବିକାର ପ୍ରଶ୍ନ ପ୍ରତି ଆଖି ବୁଜିଦେଇ, ବଳ ପୂର୍ବକ ଦମନଲୀଳା ଚଳାଇ କାରଖାନା ପ୍ରତିଷ୍ଠା ପାଇଁ ଉଦ୍ୟମ କରିବା ଅତ୍ୟନ୍ତ ଅଗଣତାନ୍ତ୍ରିକ, ଅମାନବୀୟ ଓ ନିନ୍ଦନୀୟ। ଏହାର କିଛିଦିନ ପୂର୍ବରୁ ଡିସେମ୍ବର ୪ ତାରିଖ ଦିନ ମଧ୍ୟ ପୋଲିସ ରାତିଅଧିଆ ଢିଙ୍କିଆ ଗ୍ରାମ ଉପରେ ଚଢ଼ାଉ କରି କିଛି ଲୋକଙ୍କୁ ଆହତ କରିବା ସହ ଦେବେନ୍ଦ୍ର ସ୍ୱାଇଁଙ୍କ ଘର ଉପରେ ଆକ୍ରମଣ କରିଥିଲା। ଗତକାଲି ମଧ୍ୟ ପୋଲିସ ଜଟାଧାରୀ ମୁହାଁଣ ନିକଟସ୍ଥ ବାଲିଟିକିରାଠାରେ ଗ୍ରାମବାସୀଙ୍କ ଉପରେ ଆକ୍ରମଣ କରି ଖଣ୍ଡଯୁଦ୍ଧ ଚଳାଇବା ସଙ୍ଗେ ସଙ୍ଗେ ଗ୍ରାମ ଭିତରେ ପଶି ଦେବେନ୍ଦ୍ର ସ୍ୱାଇଁଙ୍କ ପରିବାରର ଦୁଇଜଣଙ୍କୁ ଉଠାଇ ନେଇଥିବାର ଅଭିଯୋଗ ହୋଇଛି। ସିପିଆଇ ସର୍ବଦା ଜନସାଧାରଣଙ୍କ ଭିଟାମାଟି ଏବଂ ଜୀବନ ଓ ଜୀବିକାର ସଂଗ୍ରାମ ପଛରେ ଛିଡ଼ା ହୋଇ ଆସିଛି। ଶିଳ୍ପ ନାଁରେ ମାନ୍ୟତାପ୍ରାପ୍ତ କୃଷି ଅର୍ଥନୀତିକୁ ଧ୍ୱଂସ କରିବା ଏବଂ ଜନସାଧାରଣଙ୍କ ଜୀବିକାକୁ ଛଡ଼ାଇ ନେବାର ଉଦ୍ୟମକୁ ସିପିଆଇ ବିରୋଧ କରୁଛି। ଏଣୁ ରାଜ୍ୟ ସରକାର ତୁରନ୍ତ ପୋଲିସ ଦମନ ଲୀଳା ବନ୍ଦ କରିବା ସହିତ ପୋସ୍କୋ ବିରୋଧୀ ଆନ୍ଦୋଳନ ସମୟରେ ହୋଇଥିବା ସମସ୍ତ ମକଦ୍ଦମାକୁ ପ୍ରତ୍ୟାହାର କରିନେବା ପାଇଁ ସିପିଆଇ ଦାବି କରିଛି।

## ଭୁବନେଶ୍ୱରକୁ ଫେରିଲା କଂଟେନମେଂଟ୍

ଭୁବନେଶ୍ୱର , ୨୧।୧୨(ପି.ଏନ): ଓଡ଼ିଶାରେ ଦୁଇ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ମଧ୍ୟରେ ଭୁବନେଶ୍ୱରକୁ ପୁଣି ଫେରିଛି କଂଟେନମେଂଟ ଜୋନ୍ । ଭୁବନେଶ୍ୱର ମହାନଗର ନିଗମ (ବିଏମସି) ମଙ୍ଗଳବାର ଦିନ ଭୁବନେଶ୍ୱରର ବମିଖାଲ୍ ଅଂଚଳର ଜୟଦୁର୍ଗାନଗରକୁ କଂଟେନମେଂଟ ଜୋନ୍ ଘୋଷଣା କରିଛି । ଜୟଦୁର୍ଗାନଗରର ପ୍ଲଟ୍ ନମ୍ବର ୧୩୦୩ ଓ ୧୩୦୪ କୁ କଂଟେନମେଂଟ୍ ଜୋନ୍ ଘୋଷଣା କରାଯାଇଛି। ଏକାଧିକ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ପଦକ୍ଷେପ ଗ୍ରହଣ କରିଛି ବିଏମସି । ସେହିପରି ଭୁବନେଶ୍ୱର ଭିଏସଏସ ନଗର ଅଂଚଳରେ ମଧ୍ୟ ଏକାଧିକ ପଜିଟିଭ୍ ଚିହ୍ନଟ ପରେ ୱାର୍ଡ ନମ୍ବର ୧୧ରେ ଥିବା ଏଇ ୨୧୦କୁ କୁ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି । ବିଏମସିର ଘୋଷଣା ଅନୁଯାୟୀ କଂଟେନମେଂଟ ଜୋନ୍ ମଧ୍ୟରେ ଲୋକଙ୍କ ଯିବା ଆସିବା ଉପରେ ରୋକ୍ ଲଗାଯାଇଛି। କଂଟେନମେଂଟ ଜୋନ୍ କୁ ଲାଗି ରହିଥିବା ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନକୁ ବନ୍ଦ କରାଯାଇଛି। ତେବେ ବିଏମସି ପକ୍ଷରୁ କଂଟେନମେଂଟ ଅଂଚଳରେ ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଉପଲବ୍ଧ କରାଯିବ।

## ଭୁବନେଶ୍ୱରରୁ ଆଉ ୬୮ ପଜିଟିଭ୍

ଭୁବନେଶ୍ୱର, ୨୧।୧୨(ପି.ଏନ): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ମଙ୍ଗଳବାର ଆଉ ୬୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୬୦ ଜଣ ଲୋକାଲ କେସ୍ ରହିଛନ୍ତି।

## ଓମିକ୍ରନ ପାଇଁ ଫେରିଲା କଟକଣା: ୫୦% କ୍ଷମତାରେ ଚାଲିବ ରେଷ୍ଟୁରାଣ୍ଟ ଓ ବାର୍



ବେଙ୍ଗାଲୁରୁ, ୨୧।୧୨(ପି.ଏନ): ମହାମାରୀ କରୋନାର ଓମିକ୍ରନ ଭାରିଏଣ୍ଟ କାୟା ବିସ୍ତାର କରୁଥିବା ବେଳେ ପୁଣିଥରେ କଟକଣା ଲାଗୁ କରାଯାଇଛି। ଆଗକୁ ନୂଆ ବର୍ଷ ଓ ଖ୍ରୀଷ୍ଟମାସ ଆସୁଥିବାରୁ କର୍ଣ୍ଣାଟକା ସରକାର ଲୋକଙ୍କ ଏକାଠି ହେବା ଉପରେ ରୋକ ଲଗାଇଛନ୍ତି। ଏଥିସହ ରେଷ୍ଟୁରାଣ୍ଟ ଓ ବାର୍ ?ଗୁଡିକ ମଧ୍ୟ ଏଣିକି ୫୦% କ୍ଷମତାର ସହ କାର୍ଯ୍ୟ କରିବେ ବୋଲି ସରକାର କହିଛନ୍ତି ।ମଙ୍ଗଳବାର ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ କଟକଣା ସମ୍ପର୍କରେ ଘୋଷଣା କରିଛନ୍ତି। ତାଙ୍କ ଘୋଷଣା ଅନୁଯାୟୀ, ଡିସେମ୍ବର ୩୦ ଠାରୁ ଜାନୁଆରୀ ୨ ଯାଏ କୌଣସି ସ୍ଥାନରେ ପାର୍ଟି କିମ୍ବା ଲୋକଙ୍କ ଏକତ୍ରୀକରଣ ହୋଇପାରିବ ନାହିଁ ।ସେ କହିଛନ୍ତି, "ଆମେ ନୂଆ ବର୍ଷରେ ସର୍ବସାଧାରଣରେ ଆୟୋଜନ ହେଉଥିବା ଉତ୍ସବ ଉପରେ ରୋକ ଲଗାଇଛୁ। କିନ୍ତୁ କ୍ଲବ, ରେଷ୍ଟୁରାଣ୍ଟ ଓ ବାର୍ ?ଗୁଡିକ ବସିବା କ୍ଷମତାର ୫୦% ଲୋକଙ୍କୁ ନେଇ ନିଜର ସେବା ଯୋଗାଇ ପାରିବେ। ତେବେ ସେଠାରେ କୌଣସି ସ୍ୱତନ୍ତ୍ର ଡିଜେ ନାଇଟ ପାର୍ଟି ହେବନି ।ଆମେ ବିଶେଷଜ୍ଞମାନଙ୍କ ସହ ଓମିକ୍ରନର ସ୍ଥିତି ସମ୍ପର୍କରେ ଆଲୋଚନା କରିଛୁ। ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ସମଗ୍ର ରାଜ୍ୟରେ ଭିଡ ଉପରେ ବ୍ୟାନ ଲଗାଯାଇଛି। କ୍ଲବ, ରେଷ୍ଟୁରାଣ୍ଟ ଓ ବାର୍‌ଗୁଡିକ ନୂଆବର୍ଷ ପାଇଁ କୌଣସି ସ୍ୱତନ୍ତ୍ର ପାର୍ଟିର ଆୟୋଜନ କରିପାରିବେ ନାହିଁ। ଯଥା ସମ୍ଭବ ଭିଡ କମ କରିବାକୁ ସମସ୍ତଙ୍କୁ କୁହାଯାଇଛି।"ରାଜ୍ୟ ସରକାର କେବଳ ବାର କିମ୍ବା ରେଷ୍ଟୁରାଣ୍ଟ ଉପରେ ରୋକ ଲଗାଇ ନାହାନ୍ତି, ବିଭିନ୍ନ ଆପାର୍ଟମେଣ୍ଟରେ ମଧ୍ୟ ନୂଆବର୍ଷ ପାଇଁ କୌଣସି କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପାରିବ ନାହିଁ ବୋଲି କହିଛନ୍ତି। ଆପାର୍ଟମେଣ୍ଟରେ ଯେମିତି ଡିଜେ କିମ୍ବା ପାର୍ଟିର ଆୟୋଜନ ନ ହେବ, ସେକଥାକୁ ନିଶ୍ଚିତ କରିବା ଦାୟିତ୍ୱ ସ୍ଥାନୀୟ ଆସୋସିଏସନର ବୋଲି ସରକାର କହିଛନ୍ତି। ତେବେ ଏ ସଂକ୍ରାନ୍ତରେ ବିସ୍ତୃତ ଗାଇଡଲାଇନ ଖୁବଶୀଘ୍ର ଜାରି ହେବ ବୋଲି ମଧ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଆହୁରି ବଢିବ ଶୀତ, ୭ ଜିଲ୍ଲାକୁ ଅରେଂଜ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୧।୧୨(ପି.ଏନ): ଶୀତରେ ଥରୁଛି ସାରା ଓଡ଼ିଶା। ଆଗକୁ ଆହୁରି ଥରାଇବ। ଆଗାମୀ ଦୁଇ-ତିନି ଦିନ ଯାଏଁ ରାଜ୍ୟରେ ଶୀତ ଲହରି ଜାରି ରହିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ସତର୍କ କରାଇଛି। ପ୍ରବଳ ଥଣ୍ଡାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ଆଗାମୀ ୨୪ ଘଂଟା ପାଇଁ ୭ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି। ଏହି ଜିଲ୍ଲା ଗୁଡିକ ହେଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ମୟୂରଭଞ୍ଜ, କଳାହାଣ୍ଡି, ବଲାଙ୍ଗିର, ସୁବର୍ଣ୍ଣପୁର ଓ ବୌଦ୍ଧ। ଏହି ଜିଲ୍ଲା ଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ଥଣ୍ଡା ହେବାର ସମ୍ଭାବନା ରହିଛି ।ସେହିପରି ୧୯ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି ରହିଛି। ଏହି ଜିଲ୍ଲା ଗୁଡ଼ିକ ହେଲେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, କଟକ, ଗଞ୍ଜାମ, ନୟାଗଡ଼, ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ବରଗଡ଼, ନୂଆପଡ଼ା, କନ୍ଧମାଳ ଓ ନବରଙ୍ଗପୁର। ୨୩ ତାରିଖ ପାଇଁ ୧୮ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ୨୪ ତାରିଖ ପାଇଁ ୬ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆଗାମୀ ୫ ଦିନ ଯାଏଁ ରାଜ୍ୟରେ ପାଗ ଗୁଡ଼ିକ ମୁଖ୍ୟତ ଶୁଖିଲା ରହିବ। କିନ୍ତୁ ଶୀତର ପ୍ରକୋପ ଜାରି ରହିବ। ବିଶେଷକରି ଆଗାମୀ ତିନି ଦିନ ଯାଏ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୫ରୁ ୬ ଡିଗ୍ରୀ ସେଲସିୟସ ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି ।ଗତକାଲି ରାତିରେ ଦାରିଙ୍ଗବାଡ଼ିକୁ ରାଜ୍ୟର ସବୁଠାରୁ ଥଣ୍ଡା ସହର ଭାବେ ରେକର୍ଡ କରାଯାଇଛି। ଏଠାରେ ଗତ ରାତିରେ ସର୍ବନିମ୍ନ ତାପମାତ୍ରା ୩.୫ ଡିଗ୍ରୀ ରହିଥିବା ବେଳେ ୧୯ଟି ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରେକର୍ଡ କରାଯାଇଛି। ତେବେ ଆଜି ରାତିରେ ଆହୁରି ଥଣ୍ଡା ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି।

## ବିଜୁ ପକ୍କା ଘର ମରାମତି ପାଇଁ ୩ ହଜାର ଟଙ୍କା ସହାୟତା ଦେବେ ସରକାର

ଭୁବନେଶ୍ୱର, ୨୧।୧୨(ପି.ଏନ): ବିଜୁ ପକ୍‌କା ଘର ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କୁ ଘର ମରାମତି ପାଇଁ ୩ ହଜାର ଟଙ୍କାର ,ସହାୟତା ଦେବେ ରାଜ୍ୟ ସରକାର। ନିର୍ମାଣ ଶ୍ରମିକ ପକ୍କା ଘର ଓ ଖଣି ଅଂଚଳ ପକ୍କା ଘର ଯୋଜନା ହିତାଧିକାରୀଙ୍କୁ ଘର ମରାମତି ପାଇଁ ୩୦୦୦ ଟଙ୍କା ସହାୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସହିପରି କେନ୍ଦ୍ର ଯୋଜନାରେ ଘର ପାଇବାରୁ ବଂଚିତ ହୋଇଥିବା ପରିବାରକୁ ଘର ମରାମତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦୦୦ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ। ଏହାଦ୍ୱାରା ୩୦ ଲକ୍ଷ ପରିବାର ଉପକୃତ ହେବେ ଏବଂ ୧୪୪୪ କୋଟି ଟଙ୍କା ଖର୍ଚ୍ଚ ହେବ । ମଙ୍ଗଳବାର ସଂଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ କ୍ୟାବିନେଟ୍ ବୈଠକର ନିଷ୍ପତି ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଏହି ଉଭୟ ସହାୟତା ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯିବ। ଏହାଦ୍ୱାରା ୩୦ ଲକ୍ଷ ପରିବାର ଉପକାର ପାଇବେ । ଏଥିପାଇଁ ୧୪୪୪ କୋଟି ଟଙ୍କା ଖର୍ଚ୍ଚ ହେବ । ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର ଯୋଜନାରୁ ଏ ଖର୍ଚ୍ଚ ବହନ କରାଯିବ। କେନ୍ଦ୍ର ଯୋଜନାରୁ ଘର ଆଣିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ଜାରି ରହିବ। ଯଦି କେନ୍ଦ୍ର ସରକାର ରାଜ୍ୟବାସୀଙ୍କ ନ୍ୟାୟପୂର୍ଣ୍ଣ ଦାବୀକୁ ଗ୍ରହଣ ନ କରନ୍ତି, ତେବେ କେନ୍ଦ୍ର ଯୋଜନା ରୁ ବଂଚିତ ଲୋକଙ୍କୁ ରାଜ୍ୟ ସରକାର ଘର ଦେବାପାଇଁ ପଦକ୍ଷେପ ନେବେ। ୨୦୧୪ରୁ ରାଜ୍ୟରେ ଗ୍ରାମାଂଚଳ ଗୃହ ନିର୍ମାଣ କାର୍ଯ୍ୟକ୍ରମରେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ବାଇଶ ହଜାର କୋଟି ରୁ ଅଧିକ ଟଙ୍କା ଖର୍ଚ୍ଚ କରିଛନ୍ତି ।ରାଜ୍ୟବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ ଯୋଗୁ ଆମର ଗରିବ ଲୋକମାନେ ବହୁତ କଷ୍ଟରେ ଅଛନ୍ତି । ଛୋଟ ଛୋଟ ମରାମତି କରିବା, ଏପରିକି ଚୂନ ଦେବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ରାଜ୍ୟ କ୍ୟାବିନେଟ ଆଜି ଏକ ଐତିହାସିକ ନିଷ୍ପତି ନେଇ ଗରିବ ଲୋକଙ୍କୁ ସହାୟତା ଦେବା ପାଇଁ ସ୍ଥିର କରିଛି । ଏଭଳି ନିଷ୍ପତି ନେବାରେ ଆପଣଙ୍କ ରାଜ୍ୟ ସରକାର ସାରା ଦେଶରେ ପ୍ରଥମ ।ଘର ହେଉ ଛି ଗୋଟିଏ ପରିବାରର ପରିଚୟ। ଭଲ ଘରଟିଏ ସମସ୍ତଙ୍କର ସ୍ୱପ୍ନ । ଓଡିଶା ଉପରେ ସବୁବେଳେ ବାତ୍ୟା ଓ ବନ୍ୟାର ଭୟ ରହୁଛି । ଏବେ ପ୍ରତି ବର୍ଷ ଆମେ ବାତ୍ୟାର ସାମ୍ନା କରୁଛୁ । ତେଣୁ ଆଶ୍ରୟ ସୁରକ୍ଷା ସବୁ ସୁରକ୍ଷାର ଆଧାର । ସବୁ ପରିବାରର ମୁଣ୍ଡ ଉପରେ ଭଲ ଛାତ ଥିଲା ବିଜୁ ବାବୁଙ୍କ ସ୍ୱପ୍ନ । ସେହି ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ବିଜୁ ପକ୍କା ଘର ଯୋଜନା ଆରମ୍ଭ କରିଛୁ । ସବୁ କଚ୍ଚା ଘରକୁ ପକ୍କା କରିବା ପାଇଁ ୨୦୧୪ର ପ୍ରଥମ କ୍ୟାବିନେଟରେ ଆମେ ନିଷ୍ପତି ନେଇଥିଲୁ । ଗାଁର ଗରିବ ଲୋକଙ୍କୁ ପକ୍‌କା ଘର ଖଣ୍ଡିଏ ଦେବା ପାଇଁ ରାଜ୍ୟ ସରକାର ନିଜ ପାଣ୍ଠିରୁ ବିଜୁ ପକ୍‌କା ଘର, ନିର୍ମାଣ ଶ୍ରମିକ ପକ୍‌କା ଘର ଓ ଖଣି ଅଂଚଳ ପକ୍‌କା ଘର ଯୋଜନା କରିଛନ୍ତି । ତା ସହିତ କେନ୍ଦ୍ର ଯୋଜନାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ରହିଛି । କେନ୍ଦ୍ର ଗୃହ ନିର୍ମାଣ ଯୋଜନା ପାଇଁ ରାଜ୍ୟ ସରକାର ମଧ୍ୟ ପାଖାପାଖି ଅଧା ଖର୍ଚ୍ଚ ବହନ କରୁଛନ୍ତି। କେନ୍ଦ୍ର ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ଅନେକ ଯୋଗ୍ୟ ପରିବାର ବହୁ ଦିନ ଧରି ଅପେକ୍ଷା କରିଛନ୍ତି। ଏ ସଂପର୍କରେ ମୁଁ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛି। ଦୁଃଖର କଥା ଆମର ଜନଜାତି ଅଂଚଳ ଓ ପଶ୍ଚିମ ଓଡିଶା ପରି ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ଲୋକମାନେ ଏଥିରେ ବିଶେଷ ପ୍ରଭାବିତ ହୋଇ ଛନ୍ତି ।ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ମୋ ସରକାର ଥିବା ପର୍ଯ୍ୟନ୍ତ ମୋ ରାଜ୍ୟର ଭାଇ ଭଉଣୀ ମାନଙ୍କୁ ଘର ପାଇଁ ହଇରାଣ ହେବାକୁ ମୁଁ ଦେବି ନାହିଁ। ମୁଁ ଚାହେଁ ସମସ୍ତେ ସମ୍ମାନର ସହ ବଂଚନ୍ତୁ। ଆପଣମାନଙ୍କ ପାଇଁ କେନ୍ଦ୍ର ଯୋଜନାରୁ ଘର ଆଣିବା ପାଇଁ ଆମେ ଚେଷ୍ଟା କରୁଛୁ । କିନ୍ତୁ ଯଦି କେନ୍ଦ୍ର ସରକାର ଆପଣମାନଙ୍କର ନ୍ୟାୟପୂର୍ଣ୍ଣ ଦାବୀକୁ ଗ୍ରହଣ ନ କରନ୍ତି, ତେବେ ଆପଣମାନେ ଚିନ୍ତା କରନ୍ତୁ ନାହିଁ।

## ୟୁପିରେ ବିଜେପିର 'ଜନବିଶ୍ୱାସ ଯାତ୍ରା'ରେ କେନ୍ଦ୍ରମନ୍ତ୍ରୀଙ୍କ ସମ୍ବୋଧନ

ଉତରପ୍ରଦେଶ/ମଉ/ଭୁବନେଶ୍ୱର, ୨୧।୧୨(ପି.ଏନ): ଉତରପ୍ରଦେଶର ନାଗରିକଙ୍କ ଆଶୀର୍ବାଦ ସର୍ବଦା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ରହିଛି। ୟୁପିରେ ବିଜେପିର ଡବଲ ଇଞ୍ଜିନ ସରକାର ଲୋକଙ୍କ ଜୀବନଶୈଳିକୁ ପରିବର୍ତନ କରିଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ୟୁପିର ନିର୍ବାଚନପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନ ।ଉତରପ୍ରଦେଶର ମଉ ଜିଲ୍ଲା ସ୍ଥିତ ଘୋସୀ ସମେତ ବିଭିନ୍ନ ସ୍ଥାନରେ ଦଳ ପକ୍ଷରୁ ଆୟୋଜିତ 'ଜନ ବିଶ୍ୱାସ ଯାତ୍ରା'ରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ଦଳୀୟ ପ୍ରାର୍ଥୀଙ୍କ ପାଇଁ ମାରାଥନ ନିର୍ବାଚନୀ ପ୍ରଚାର କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଉପରେ ଉତର ପ୍ରଦେଶ ବାସୀ ଆସ୍ଥାପ୍ରକଟ କରିଛନ୍ତି। ବିଜେପିର ଡବଲ ଇଞ୍ଜିନ ସରକାର ପ୍ରଦେଶର ଲୋକଙ୍କୁ ଜନଧନ ଖାତାରେ ସିଧାସଳଖ ଟଙ୍କା ପଠାଇବା ସହ ପକ୍କା ଘର ନିର୍ମାଣ କରିବା ପାଇଁ ଟଙ୍କା ଦେଇଛି। ସୌଭାଗ୍ୟ ଯୋଜନାରେ ବିଜୁଳି, ଉଜ୍ଜଳା ଯୋଜନାରେ ଗ୍ୟାସ କନେକ୍ସନ, କରୋନା ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଖାଦ୍ୟାନ୍ନ, ଆୟୁଷ୍ମାନ ଭାରତରେ ସ୍ୱାସ୍ଥ୍ୟର ସୁରକ୍ଷା ପ୍ରଦାନ କରିଛି। ମୋଦିଜୀ ଯୋଗୀଜୀ ନାଗରିକଙ୍କୁ ସ୍ୱାଭିମାନ ଦ୍ୱାରା ଜୀବନଯାପନ କରିବାର ସୁଯୋଗ ଦେଇଛନ୍ତି । ମୋଦି ଏବଂ ଯୋଗୀ ସରକାର ଗରିବ, ବଂଚିତ, ଦଳିତ, ମହିଳା ଏବଂ ଯୁବପିଢିଙ୍କୁ କେନ୍ଦ୍ରବିନ୍ଦୁରେ କାମ କରୁଥିବା ସରକାର। ଜନଆଶୀର୍ବାଦ କାରଣରୁ ଚା' ବିକୁଥିବା ବିକ୍ରି କରୁଥିବା ନରେନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। 'ସବକା ସାଥ୍, ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ' ମନ୍ତ୍ରରେ ଦଳ ଆଗକୁ ବଢୁଛି। କରୋନା ସମୟରେ ବିଶ୍ୱ ଦୋଛକିରେ ଛିଡ଼ା ହୋଇଥିଲା। ସେହି ସମୟରେ ଉତର ପ୍ରଦେଶ ଭଳି ବଡ଼ ରାଜ୍ୟରେ ଗରିବ, ଅସହାୟ, ଚାଷୀ ଓ ମହିଳା ଲୋକଙ୍କୁ ଆର୍ଥିକ ସାହାଯ୍ୟ ଓ ସହଯୋଗ ଦିଆଯାଇଛି। ମୋଦି ସରକାରରେ ଉତରପ୍ରଦେଶ ନାଗରିକ ଆଜି ସୁରକ୍ଷିତ ଅଛନ୍ତି। କଂଗ୍ରେସ କ୍ଷମତାରେ ସମୟରେ ଦିଲ୍ଲୀରୁ ଆସୁଥିବା ପଇସା ଲୋକଙ୍କ ପାଖରେ ଠିକ୍‌ରେ ପହଁଚୁନଥିଲା। ମାତ୍ର ଆଜି ମୋଦି ସରକାରଙ୍କ ଜନଧନ ଭଳି ଅନେକ ଯୋଜନାରେ ଲୋକଙ୍କ ପାଖରେ ସିଧାସଳଖ ଟଙ୍କା ପହଁଚିପାରୁଛି।








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଂଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।



# ପର୍ଯ୍ୟବେକ୍ଷକ ମହାନଗର

# ବିଦ୍ୱାନ ଡକ୍ଟର ବି.ଆର୍. ଆମ୍ବେଦକର

••••••ଡକ୍ଟର ନାରାୟଣ ବାରିକ୍••••••

ସେଦିନ ବମ୍ବେର ଏଲଫିନଷ୍ଟୋନ୍ ହାଇସ୍କୁଲର ଜଣେ ଗଣିତ ଶିକ୍ଷକ ଏକ ଗଣିତର ସମାଧାନ ପାଇଁ ଶ୍ରେଣୀର ପିଲାମାନଙ୍କ



ମଧ୍ୟରୁ କାହାକୁ ଆସିବ ବୋଲି ପଚାରିଥିଲେ। ମାତ୍ର ଶ୍ରେଣୀର କୌଣସି ପିଲା ହାତ ଟେକିଲେ ନାହିଁ। ଶେଷରେ ଜଣେ ପିଲା ହାତ ଟେକିବାରୁ ଶିକ୍ଷକତା'କୁ କଳାପଟା ପାଖକୁ ଆସି ଗଣିତ ସମାଧାନ କରିବାକୁ କହିଲେ। ପିଲାଟି କଳାପଟା ପାଖକୁ ଆସିବା ପାଇଁ ଠିଆ ହେବାମାତ୍ରେ ଶ୍ରେଣୀର କେତେକ ପିଲା ଶ୍ରେଣୀଶୃଙ୍ଖଳା ଭଙ୍ଗକରି କଳାପଟା ପଛପଟରେ ଥିବାଟିଫିନ ବାକ୍ସସବୁକୁନେଇ ଆସିଲେ। ପିଲାଟିତା'ପରେ ଯାଇ କଳାପଟାରେ ଗଣିତଟିର ସମାଧାନ କରି ନିଜସିଟ୍‌କୁ ଫେରି ଆସିଥିଲା। ଶ୍ରେଣୀର ସେହି ପିଲାମାନଙ୍କ ଏ ପ୍ରକାର କାର୍ଯ୍ୟକଳାପ ପଛରେ ରହସ୍ୟ ଥିଲା ଯେ ପିଲାଟି ଥିଲା ମାହାର ଜାତିର। ମହାରାଷ୍ଟ୍ରରେ ମାହାର ଜାତିର ଲୋକଙ୍କୁ ଉଚ୍ଚ ଜାତିର ଲୋକମାନେ ଛୁଉଁ ନଥିଲେ। ସେମାନେ ଅଛୁଆଁ ଜାତି ଭାବରେ ସମାଜରେ ଗଣାଯାଉଥିଲେ। ତେଣୁ ପିଲାମାନେ ଭାବିଲେ ଏଇ ପିଲାଟି ଯଦି କଳାପଟାକୁ ଛୁଇଁ ଦିଏ, ତେବେ ସେମାନଙ୍କ ଖାଦ୍ୟ ସବୁ ଅଶୁଦ୍ଧ ହୋଇଯିବ। ଫଳତଃ ସେମାନେ ନଖାଇ ସେସବୁକୁ ଫୋପାଡ଼ି ଦେବେ। ସେଦିନର ଏହି ପିଲାଟି ଯେ ଦିନେ ଭାରତର ଭାଗ୍ୟ ବିଧାତା ହେବ,ଏକଥା କି ଏଜାଣିଥିଲା ! ସେହି ପ୍ରତିଭାଶାଳୀ ଛାତ୍ରଜଣଙ୍କ ହେଉଛନ୍ତି ଭାରତରତ୍ନ ଡ. ଭୀମରାଓ ଆମ୍ବେଦକର। ସେ ଦିନେ ପୃଥିବୀରେ ଆମ ଭାରତ ପରି ବୃହତ୍ତମ ଗଣତନ୍ତ୍ର ରାଷ୍ଟ୍ରର ସବୁଠାରୁ ବିଶାଳ ସମ୍ବିଧାନର ପ୍ରଣେତା ହୋଇ ପାରିଥିଲେ। ଆମ୍ବେଦକର ମହାରାଷ୍ଟ୍ର ପ୍ରଦେଶର ରତ୍ନଗିରି ଜିଲା ଅନ୍ତର୍ଗତ ଆମ୍ବାଭାଡ଼େ ଗ୍ରାମରେ ୧୮୯୧ମସିହା ଏପ୍ରିଲ ୧୪ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାମ ଥିଲା ରାମ୍‌ଜୀ ସକ୍‌ପାଲ୍ ଏବଂ ମାଆଙ୍କ ନାମ ଥିଲା ଭୀମାବାଈ। ଆମ୍ବେଦକର ଥିଲେ ପିତାମାତାଙ୍କର ଚତୁର୍ଦ୍ଦଶ ଓ ସବାସାନ ସନ୍ତାନ। ଏମାନଙ୍କ ମଧ୍ୟରୁ ପିତାମାତା ଅନେକ ସନ୍ତାନ ସନ୍ତତିଙ୍କୁ ହରାଇ ସମୁଦାୟ ତିନୋଟି ପୁଅ ଓ ଦୁଇଟି ଝିଅଙ୍କୁ ପାଳନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ।

ଆମ୍ବେଦକରଙ୍କୁ ଯେତେବେଳେ ଦୁଇବର୍ଷ ତାଙ୍କର ମାତୃବିୟୋଗ ଘଟିଥିବାରୁ ସବୁ ଭାଇଭଉଣୀ ପୀଉସୀ ମୀରାବାଈଙ୍କ ତତ୍ତ୍ୱାବଧାନରେ ଲାଳନ ପାଳନ ହୋଇଥିଲେ।

ଆମ୍ବେଦକରଙ୍କ ପ୍ରାଥମିକ ଶିକ୍ଷା ସାତାରା ଠାରେ ଆରମ୍ଭ ହୋଇଥିଲା। ସେତେବେଳକୁ ଭାରତରେ ଲୋକମାନଙ୍କ ମଧ୍ୟରେ ଛୁଆଁ ଅଛୁଆଁ ଭେଦଭାବ ଉଚ୍ଚଜାତିର ଲୋକମାନଙ୍କ ଦ୍ୱାରା ଅତି ତୀବ୍ର ଥିଲା। ତେଣୁ ବିଦ୍ୟାଳୟର ଉଚ୍ଚ ଜାତିର ଛାତ୍ର ଓ ଶିକ୍ଷକମାନେ ଆମ୍ବେଦକରଙ୍କୁ ଘୃଣ୍ୟ ଓ ହୀନ ଦୃଷ୍ଟିରେ ଦେଖୁଥିଲେ। କେବଳ ବିଦ୍ୟାଳୟରେ ନୁହେଁ ଅସ୍ପୃଶ୍ୟତା ପାଇଁ ସାମାଜିକ ଜୀବନରେ ଆମ୍ବେଦକର ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ନୀଚଜାତିର ବୋଲି ଏହି କୁଳର ଲୋକମାନଙ୍କୁ କୂଅ ପୋଖରୀରୁ ଦି'ଆଞ୍ଜୁଳା ପାଣି ପିଇଲେ ତାହା ଅଶୁଦ୍ଧ ହୋଇଯିବ ବୋଲି କୂଅ ପୋଖରୀକୁ ଯିବାକୁ ଏମାନଙ୍କୁ ମନାଥିଲା। ଏପରିକି ଆମ୍ବେଦକରଙ୍କୁ ସ୍କୁଲରେ ଶୋଷ ଲାଗିଲେ ତାଙ୍କୁ ଗ୍ଲାସରେ ପାଣି ପିଇବାର ସୁଯୋଗ ଦିଆନଯାଇ ତାଙ୍କ ପାଟିରେ ପାଣିଢାଳି ଦିଆଯାଉଥିଲା। ଯାହା ଫଳରେ ତାଙ୍କ ସମଗ୍ର ଶରୀର ଭିଜି ଯାଉଥିଲା। ନୀଚ ଜାତିର ପିଲା ବୋଲି ଓ ଅଛୁଆଁ ବୋଲି ଆମ୍ବେଦକରଙ୍କୁ ଶିକ୍ଷକ ଶ୍ରେଣୀର ଗୋଟିଏ କଣରେ ଅଖା ଉପରେ ବସିବାକୁ ନିର୍ଦ୍ଦେଶ ଦେଉଥିଲେ ଏବଂ ତାଙ୍କୁ ସେ ଛୁଉଁ ନ ଥିଲେ କି ପ୍ରଶ୍ନବି ପଚାରୁ ନ ଥିଲେ। ଏହି ଅସ୍ପୃଶ୍ୟତା ଓ ଜାତିଆଣା ମନୋଭାବ ସେଦିନ ବାଳକ ଆମ୍ବେଦକରଙ୍କୁ ବିଚଳିତ କରିଦେଇଥିଲା। ଚପଳ ପ୍ରାଣରେ ତାଙ୍କର ତଦାନୀନ୍ତନ ସମାଜର ଏହି ଅନ୍ଧ ବିଶ୍ୱାସ, କୁସଂସ୍କାର ଓ ଭେଦଭାବ ପାଇଁ ଅନ୍ତର ତଳେ ବିଦ୍ରୋହର ବହ୍ନି ଜଳି ଉଠିଥିଲା। ସେହିଦିନଠାରୁ ସେ ବଜ୍ର ଶପଥ ନେଇଥିଲେ ଯେ ସମୟ ଆସିଲେ ଏହି ଭାରତ ମାଟିରେ ସମାଜରୁ ଏହିଜାତି ଭେଦଭାବକୁ ସ୍ଥିତ ପ୍ରଥାକୁ ସେସମୂଳେଉତ୍ପାଟନ କରିବେ। ଆମ୍ବେଦକର ୧୯୦୭ ମସିହାରେ ମାଟ୍ରିକ ପାସକଲେ। ଆର୍ଥିକ ଅସୁବିଧାସତ୍ତ୍ୱେ ବରୋଦାରରାଜାସାୟାଦୀ ରାଓଗାଇକେୱାର୍ଡଙ୍କଠାରୁ ବୃତ୍ତିପାଇ ୧୯୧୨ରେ ଏଲଫିନଷ୍ଟୋନ କଲେଜରୁ ବିଏ ପାସ କଲେ। ତା'ପରେ ନିଜର କୃତିତ୍ୱ ବଳରେ ବରୋଦା ମହାରାଜାଙ୍କ ଦ୍ୱାରା ମନୋନୀତ ହୋଇ କଲମ୍ବିଆ ୟୁନଭର ସିଟିରେ ପଢ଼ିବା ପାଇଁ ୧୯୧୩ ମସିହା ଜୁଲାଇରେ ଆମେରିକାରେ ପହଞ୍ଚିଥିଲେ। ୧୯୧୫ ମସିହାରେ ଏମ୍.ଏ.ଓ ୧୯୧୬ରେ ପିଏଚ୍.ଡି. ଉପାଧି ଲାଭ କରି ସ୍କଲାର୍‌ସିପ୍ ସରିବାରୁ ସର୍ତ୍ତ ଅନୁସାରେ ବରୋଦା ରାଜାଙ୍କ ଡାକରାରେ ସେ ଭାରତ ଫେରି ଆସିଥିଲେ। ପରେ କୋହ୍ଲାପୁର ରାଜାଙ୍କ ସହାୟତାରେ ଆମ୍ବେଦକର ପୁଣିଲଣ୍ଡନ ଯାଇ ଅର୍ଥଶାସ୍ତ୍ର ଓ ଆଇନରେ ବାରିଷ୍ଟରି ପାସ୍‌କରି ୧୯୨୩ରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ। ନିଜର ଜନ୍ମମାଟିକୁ ଫେରିବା ପରେ ଆମ୍ବେଦକର ପରାଧୀନ ଭାରତକୁ



ଇଂରେଜମାନଙ୍କ କବଳରୁ ମୁକ୍ତ କରିବାର ଅଭୀପ୍ସା ପୋଷଣ କରିଥିଲେ। ଏଥିପାଇଁ ସେ ମହାତ୍ମା ଗାନ୍ଧୀ ଓ ଜବାହାରଲାଲ୍ ନେହେରୁଙ୍କ ସଂସ୍ପର୍ଶରେ ଆସି ଦେଶ ସ୍ୱାଧୀନତା ପାଇଁ ନିଜର ନିଷ୍ଠା ଓ ଉଦ୍ୟମ ଜାରି ରଖିଲେ। ଏତଦ୍‌ବ୍ୟତୀତ ନିଜର ବିଗତ ଦିନର ବଳିଷ୍ଠ ସ୍ୱପ୍ନକୁ ସାକାର କରିବାକୁ ଆଦୌ ଭୁଲି ଯାଇ ନ ଥିଲେ। ତେଣୁ ଭାରତରୁ ଅସ୍ପୃଶ୍ୟତା ସମସ୍ୟାର ନିରାକରଣ ପାଇଁ ସେ ପ୍ରାଣପ୍ରଣେ ଲାଗି ପଡ଼ିଲେ।

୧୯୩୨ ମସିହା ଡିସେମ୍ବର ୭ରେ ଆମ୍ବେଦକର ଲଣ୍ଡନ ଯାଇ ବ୍ରିଟିଶ ଶାସନର ମୁଖ୍ୟଙ୍କ ପାଖରେ ଅଛୁଆଁମାନଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀଗଠନର ମାନପତ୍ର ପ୍ରଦାନ କରିଥିଲେ। ଏହାପରେ ଅଛୁଆଁ ଲୋକଙ୍କ ପାଇଁ ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀ ଗଢ଼ାଯିବାର ସିଦ୍ଧାନ୍ତ ହେଲା। ଏହି ଅବସରରେ ଆମ୍ବେଦକର ୧୯୪୨ ମସିହା ଜୁନ୍ ମାସରେ ଭାଇସ୍‌ରାୟଙ୍କ କାଉନ୍‌ସିଲରେ ଶ୍ରମମନ୍ତ୍ରୀ ଭାବେ ଯୋଗଦାନ କରି ଦଳିତ ଜାତିର ଟେକ ରଖିବା ସହ ଶ୍ରମିକମାନଙ୍କ ଉନ୍ନତି ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ପରେ ୧୯୪୬ରେ ଶାସନ ବିଧାୟକ ନିର୍ବାଚନରେ ସେ ଉତ୍ସୁକତାର ସହ ବିଜୟ ଲାଭ କରିଥିଲେ। ଆମ୍ବେଦକରଙ୍କ ମନରେ ଦଳିତମାନଙ୍କ ପାଇଁ ଦୀର୍ଘଦିନର ଯେଉଁ ସୁପ୍ତ ଅନୁଶୋଚନା ଓ ପ୍ରତିଶ୍ରୁତିବଦ୍ଧତା ଥିଲା ତାହା ଏହିଠାରେ ହିଁ ଫଳବତୀ ହୋଇଥିଲା। ବାସ୍ତବରେ ଆମ୍ବେଦକରଙ୍କ ଗଭୀର ପ୍ରଚେଷ୍ଟା ଓ ମନୋବଳ ଯୋଗୁଁ ବିଧାୟକ ସଭାରେ ଅସ୍ପୃଶ୍ୟତା ଯେ ଏକ ଦଣ୍ଡନୀୟ ଅପରାଧ ତାହା ଆଇନରେ ପରିଣତ ହୋଇଗଲା। ୧୯୪୭ ମସିହା ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହେବାପରେ ଜବାହରଲାଲ୍ ନେହେରୁଙ୍କ ନେତୃତ୍ୱରେ ଯେଉଁ ମନ୍ତ୍ରୀମଣ୍ଡଳ ଗଠନ ହୋଇଥିଲା ସେଥିରେ ଆମ୍ବେଦକର ଆଇନ ମନ୍ତ୍ରୀଭାବେ ଅତିନିଷ୍ଠା ଓ ଦକ୍ଷତାରସହ ନିଜର କର୍ତ୍ତବ୍ୟ ସମ୍ପାଦନା କରିଥିଲେ। ପରନ୍ତୁ ନୂତନ ଭାରତର ସମ୍ବିଧାନ ପ୍ରସ୍ତୁତି ପାଇଁ ୧୯୪୭ ମସିହା ଅଗଷ୍ଟ ୨୯ରେ ଯେଉଁ ଡ୍ରାଫ୍ଟ କମିଟି ଗଠନ କରାଯାଇଥିଲା, ସେଥିରେ ସେ ଚେୟାରମ୍ୟାନ ଦାୟିତ୍ୱ ବହନ କରିଥିଲେ। ଏହି ନୂତନ ସମ୍ବିଧାନ ୧୯୪୯ ନଭେମ୍ବର ୨୬ରେ କନ୍‌ଷ୍ଟିଚୁଏଣ୍ଟ୍ ଆସେମ୍ବ୍ଲିରେ ଗୃହୀତ ହୋଇଥିଲା। ଏହି ମହାନ୍ ମନୀଷୀଙ୍କର କଠିନ ପରିଶ୍ରମ ଓ ବିଦ୍‌ବତ୍ତାର ମହାର୍ଘ୍ୟ ଅବଦାନ ପାଇଁ ସେ ବିଶ୍ୱର ବୃହତ୍ତମ ସମ୍ବିଧାନର ଜନକ ସମ୍ମାନର ଅଧିକାରୀ ହୋଇପାରିଲେ। ୧୯୫୬ ମସିହା ଡିସେମ୍ବର ୬ ତାରିଖରେ ୬୫ ବର୍ଷ ବୟସରେ ଭାରତ ସମ୍ବିଧାନର ପ୍ରଣେତା ଏହି ମହାନାୟକ ଇହଲୀଳା ସମ୍ବରଣ କରିଥିଲେ ମଧ ହିନ୍ଦୁଧର୍ମର ନିୟମକୁମନୁ ପ୍ରଣୟନ କଲାପରି ଡକ୍ଟର ବି.ଆର୍. ଆମ୍ବେଦକର ଭାରତୀୟମାନଙ୍କ ନିକଟରେ ସବୁଦିନକୁ ନମସ୍ୟ ଓ ସ୍ମରଣୀୟ ହୋଇ ରହିଥିବେ।

*-୮, ରୟାଲଗାର୍ଡ଼ନ, ଆଇଗିଣିଆ, ଭୁବନେଶ୍ୱର-୧୯, ମୋ: ୯୩୪୮୯୪୮୫୪୭*

# ସ୍ୱାଧୀନତାର ୭୨ ବର୍ଷ ପରେବି ବିକାଶର ନଗ୍ନ ଚିତ୍ର



କେନ୍ଦ୍ରାପଡ଼ା (ଚିତରଞ୍ଜନ ଦାସ): ସ୍ୱାଧୀନତାର ୭୨ ବର୍ଷ ପରେବି ବିକାଶର ନଗ୍ନଚିତ୍ର ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମାରୁ ମାତ୍ର ୪କିଲୋମିଟର ଦୂର ପଥରଗଡା ମୁଣ୍ଡାସାହିରେ । ଯେଉଁଠି ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସେମାନଙ୍କ ପାଇଁ ଅପହଁଚ ହୋଇପଡିଛି । ଏହାକୁ ରାଜ୍ୟର ୨ୟ ନଗଡା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ରାଜ୍ୟ ସରକାର ସାରା ରାଜ୍ୟରେ ବିକାଶର ଡିଣ୍ଡିମ ପିଟୁଥିବା ବେଳେ କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମା ଠାରୁ ଅନତିଦୂରରେ ଥିବା ଏହି ଅନୁସୂଚିତ ଜନଜାତି ବସ୍ତିରେ ତାହାର ସ୍ପଷ୍ଟ ନଗ୍ନ ଚିତ୍ର ଦେଖିବାକୁ ମିଳିଛି । ଶିକ୍ଷା କଥା ଛାଡ ସେଠାରେ ନା ଅଛି ସ୍ୱାସ୍ଥ୍ୟସେବା, ନା ପାନୀୟ ଜଳର ସୁବିଧା । ଧାନ ଚାଷଜମି ହିଡ ହେଉଛି ସେମାନଙ୍କ ପାଇଁ ସବୁଦିନିଆ ରାସ୍ତା । ଅନ୍ୟଥା ଜଣେ ବ୍ୟକ୍ତିଗତ ଲୋକର ପୋଖରୀ ହୁଡା ଦେଇ ସେମାନେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କିଣିବା ପାଇଁ ବର୍ଷା ଦିନେ ପ୍ରାୟ ଅଧ କିଲୋମିଟର ରାସ୍ତା ଯିବାକୁ ପଡିଥାଏ । ରାସ୍ତା ନ ଥିବାରୁ ବିପଦ ଓ ଜରୁରୀ କାଳୀନ ଗାଡି ଯିବାତ ଦୂରର କଥା ସେହି ବସ୍ତିକୁ ଯାଇପାରେନା ଦୁଇ ଚକିଆ ଯାନଟିଏ। ଏହି ଘଟଣା ମାଲକାନାଗିରି, କଳାହାଣ୍ଡି କିମ୍ବା କୋରାପୁଟ ଭଳି ଦୁର୍ଗମ ଅଂଚଳ ନୁହେଁ। କେନ୍ଦ୍ରାପଡା ଜିଲ୍ଲା ସଦରମହକୁମାରୁ ମାତ୍ର ୪ କିଲୋମିଟର ଦୂରରେ ଅବସ୍ଥିତ କେନ୍ଦ୍ରାପଡା ବ୍ଲକ ଅର୍ନ୍ତଗତ ଶ୍ୟାମସୁନ୍ଦରପୁର ଗ୍ରାମପଂଚାୟତର ୫ନମ୍ବର (କ) ଜାତୀୟ ରାଜପଥ କଡରେ ଥିବା ତା'ର ମୃତ୍ୟୁ ହୋଇ ଯାଇଥିବାର ଅଭିଯୋଗ କରନ୍ତି ବସ୍ତିବାସିନ୍ଦା । ସେହି ବସ୍ତିର ଲୋକସଂଖ୍ୟା ୧୫୦ରୁ ଉର୍ଦ୍ଧ ହୋଇ ଥିବା ବେଳେ ଶିଶୁଙ୍କ ସଂଖ୍ୟା ପ୍ରାୟ ୪୦ ରୁ ଅଧିକ । ସେମାନେ ସ୍ଥାନୀୟ ମରଡପୁର ଅଙ୍ଗନୱାଡି କେନ୍ଦ୍ରରେ ନାମ ଲେଖାଇଥିଲେ ମଧ୍ୟ ଖରାଦିନ ବ୍ୟତିତ ବର୍ଷା ୪ମାସ ପାଠ ପଢିବାକୁ ଯାଇ ପାରନ୍ତି ନାହିଁ । ଭୋଟ ପରିଚୟପତ୍ର, ଆଧାରକାର୍ଡ ପାଇ ଭୋଟ ଦେବାର ଅଧିକାର ପାଇଥିଲେ ମଧ୍ୟ ବସ୍ତିବାସିନ୍ଦା ସର୍ବନିମ୍ନ ମୌଳିକ ସୁବିଧାରୁ ବଂଚିତ ହୋଇଛନ୍ତି। ୧୯୬୦ ମସିହାରୁ ୫ନମ୍ବର(କ) ଜାତୀୟ ରାଜପଥ ନିର୍ମାଣ ସମୟରେ କେଉଁଝର ଜିଲ୍ଲାର ରାଜନଗର ଅଂଚଳରୁ ଆସିଥିବା ସେହି ଅନୁସୂଚିତ ଜନଯାତି(ମୁଣ୍ଡା) ସଂପ୍ରଦାୟର ବସ୍ତିବାସିନ୍ଦାମାନେ ସେବେଠାରୁ ଏଠାରେ ସ୍ଥାଇ ଭାବେ ରହିଆସୁଛନ୍ତି । ପଚଂାୟତ ଭୋଟଠାରୁ ଆରମ୍ଭ କରି ବିଧାନସଭା ଓ ଲୋକସଭା ଭୋଟ ଦେବାର ଅଧିକାର ପାଇଥିଲେ ମଧ୍ୟ ଜଣେ ସାଧାରଣ ନାଗରିକ ଭାବରେ ବଂଚିବାର ମୌଳିକ ଅଧିକାର ଦେଶ ସ୍ୱାଧୀନ ହେବାର ୭୨ ବର୍ଷ ପରେ ମଧ୍ୟ ସେମାନଙ୍କ ପାଇଁ ଅପହଂଚ ହୋଇ ପଡିଛି । ରାତିରେ ରୋଗ ବେମାରରେ ପଡ଼ିଲେ ସେମାନେ ଭଗବାନଙ୍କ ଭରସାରେ ସକାଳକୁ ଅପେକ୍ଷା କରିଥାନ୍ତି । ସେହି ବସ୍ତିର ସମୁଦାୟ ଲୋକ ସଂଖ୍ୟା ୧୫୦ରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ଛୋଟ ପିଲାଙ୍କ ସଂଖ୍ୟା ପ୍ରାୟ ୪୦। ସେମାନଙ୍କ ମଧ୍ୟରୁ ଭୋଟର ସଂଖ୍ୟା ପ୍ରାୟ ୭୦। ନିର୍ବାଚନ





ପଥରଗଡା ମୁଣ୍ଡା ସାହି ବସ୍ତି । ଏଠି ବସବାସ କରୁଥିବା ପ୍ରାୟ ୨୦ଟି ଅନୁସୂଚିତ ଜନଜାତି ପରିବାରଙ୍କ ନିମନ୍ତେ ଅପହଁଚ ହୋଇପଡିଛି ଶିକ୍ଷା, ପାନୀୟ ଜଳ ଓ ସ୍ୱାସ୍ଥ୍ୟ ସେବା । ବସ୍ତିଠାରୁ ପାଖ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରର ଦୂରତା ପ୍ରାୟ ୧ କିଲୋମିଟର । ବିଦ୍ୟାଳୟକୁ ସବୁଦିନିଆ ରାସ୍ତା ନ ଥିବାରୁ ବର୍ଷା ୪ ମାସ ଯାକ ବସ୍ତିର ପିଲାମାନଙ୍କ ପାଠପଢାରେ ଡୋରି ବନ୍ଧା ଯାଇଥାଏ । ପ୍ରତି ବର୍ଷ ରାଜ୍ୟ ଓ କେନ୍ଦ୍ର ସରକାର ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ ଓ ରାସ୍ତାଘାଟର ନିର୍ମାଣ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଏହି ଅର୍ଥ ଜିଲ୍ଲାରେ କିଭଳି ଉନ୍ନତି କରୁଛି ତାହା ଏଥିରୁ ଅନୁମେୟ ହେଉଛି । ବସ୍ତିରେ ନଳକୂପର ସୁବିଧା ନଥିବାରୁ ସେମାନଙ୍କୁ ପିଇବା ପାଣି ଆଣିବା ପାଇଁ ଯିବାକୁ ପଡେ ପ୍ରାୟ ୧କିଲୋମିଟର ଦୂରକୁ । ସଞ୍ଜ ପୂର୍ବରୁ ପାଣି ଯୋଗାଡ ନ କଲେ ରାତିରେ ରୋଷେଇ ସେମାନଙ୍କର ବନ୍ଦ ହୋଇଥାଏ । ପାଇଖାନା ସେମାନଙ୍କ ପାଇଁ ସ୍ୱପ୍ନ । ବର୍ଷା ଦିନେ ରୋଗ ବେମାରରେ ପଡିଲେ ସେମାନଙ୍କୁ ଭଗବାନ ଯାହା ଭରସା । ଯଦି ବର୍ଷା ଦିନେ ହଠାତ କାହାର ଦେହ ଖରାପ ହୁଏ ତେବେ ବସ୍ତିର ଲୋକେ ରୋଗୀକୁ ଭାରରେ ବୋହି ଧାନ ହିଡ ବିଲଦେଇ ପ୍ରାୟ ୧ କିଲୋମିଟର ଆସିବା ପରେ ଅନ୍ୟ ବ୍ୟବସ୍ଥା ଯୋଗେ ଡାକ୍ତରଖାନାକୁ ନେଇ ଥାଆନ୍ତି । ଗତ ୫ ବର୍ଷ ତଳେ ବର୍ଷା ଦିନେ ବସ୍ତିର ଗୀତା ସିଂକୁ ସାପ କାମୁଡି ଦେବାରୁ ସମୟରେ ଦଳୀୟ କର୍ମୀଙ୍କ ଠାରୁ ଆରମ୍ଭ କରି କୁଜି ନେତାମାନେ ସେହି ବସ୍ତିକୁ ଯାଇ ବଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଭୋଟ ହାତେଇ ନେଇ ଜିତିଯିବା ପରେ ସେହି ବସ୍ତିକୁ ଆଉ ସେମାନଙ୍କ ପାଦ ପଡେ ନାହିଁ। ସେହି ବସ୍ତିକୁ ସବୁଦିନିଆ ରାସ୍ତା, ପାନୀୟ ଜଳଯୋଗାଣ ପାଇଁ ବସ୍ତିବାସିନ୍ଦା ସ୍ଥାନୀୟ ଲୋକପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ଏଯାଏ ବସ୍ତିକୁ ନା ସବୁଦିନିଆ ରାସ୍ତାଟିଏ ଅଛି ନା ପାନୀୟ ଜଳଯୋଗାଣ ବ୍ୟବସ୍ଥା ହୋଇଛି। ବସ୍ତିର ଲୋକେ ଦିନମଜୁରିଆ ହୋଇଥିବାରୁ ସକାଳ ହେଲେ ମଜୁରି ଲାଗିବାକୁ ଯାଇ ସଂଧ୍ୟା ହେଲେ ଘରକୁ ଫେରିଥାନ୍ତି। ଦାବି, ଅଭିଯୋଗ, ଧାରଣା ପାଇଁ ସେମାନଙ୍କ ନିକଟରେ ସମୟ ନ ଥାଏ । ଏ ସମ୍ପର୍କରେ ସ୍ଥାନୀୟ ସରପଂଚଙ୍କୁ ପଚାରିବାରେ ସେ କୁହନ୍ତି ଯେ ବସ୍ତିକୁ ବିଦ୍ୟୁତ୍ ଯୋଗଣ କରାଯାଇଥିଲେ ମଧ୍ୟ ସବୁଦିନିଆ ରାସ୍ତା ପାଇଁ ସମସ୍ୟା ଲାଗି ରହିଛି । ଜିଲ୍ଲାପାଳ ଏହି ମୁଣ୍ଡାସାହି ବସ୍ତିକୁ ଗସ୍ତ କରି ସେଠାରେ ରହୁଥିବା ବସ୍ତିବାସିନ୍ଦାଙ୍କ ଅଭାବ ଅସୁବିଧା ସମ୍ପର୍କରେ ବୁଝି ସେସବୁର ସମାଧାନ କରିବାକୁ ବସ୍ତିବାସିନ୍ଦାଙ୍କ ପକ୍ଷରୁ ଜିତୁ ମୁଣ୍ଡା, ଚାନ୍ଦ ମୁଣ୍ଡା, ଝୁନା ମୁଣ୍ଡା, ସନା ମୁଣ୍ଡା, ତୁଳସୀ ମୁଣ୍ଡା, ରମେଶ ମୁଣ୍ଡା, କହ୍ନେଇ ମୁଣ୍ଡା, ଜିତେନ୍ଦ୍ର ମୁଣ୍ଡା, କୁଞ୍ଜି ସିଂ, ବାବୁଲା ମୁଣ୍ଡା, ରବି ମୁଣ୍ଡା, ରାଜେଶ ମୁଣ୍ଡା, ବିକାଶ ମୁଣ୍ଡା, ଛଟରା ମୁଣ୍ଡା, ସବିତା ମୁଣ୍ଡା, ନବ ସିଂ, ମୁନା ମୁଣ୍ଡା, ଶଙ୍କରା ମୁଣ୍ଡା ପ୍ରମୁଖ ଦାବି କରିଛନ୍ତି।

## ବରିଷ୍ଠ ବିଜେଡ଼ି ନେତାଙ୍କ ପରଲୋକ

ବାଲିଚନ୍ଦ୍ରପୁର (ପିଏନ୍): ବଡ଼ଚଣା ବ୍ଲକ ଗୋପାଳପୁର ପଂଚାୟତ ଅନ୍ତର୍ଗତ ଖଡ଼ଗପୁର ଗ୍ରାମର ବରିଷ୍ଠ ବିଜେଡ଼ି ନେତା ସୁକଦେବ ତ୍ରିପାଠୀ (୮୮)ଙ୍କର ପରଲୋକ ହୋଇଯାଇଛି। ସେ ଦୀର୍ଘ ୫୦ ବର୍ଷ ଧରି କଂଗ୍ରେସବିରୋଧୀ ସଂଗଠନର ପଂଚାୟତ ସ୍ତରୀୟ ନେତାଭାବେ କାର୍ଯ୍ୟ କରି ଆସୁଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଗୋପାଳପୁର ତଥା ଆଖପାଖ ପଂଚାୟତରେ ଶୋକର ଛାୟା ଖେଳି ଯାଇଥିଲା। ତାଙ୍କୁ ଏକ ଶୋଭାଯାତ୍ରାରେ ସମଗ୍ର ପଂଚାୟତ ସହ ପଂଚାୟତ ଅଫିସ୍ ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ ୨୦ ନଂ ଜିଲ୍ଲା ପରିଷଦ ସଭ୍ୟ ବିପିନବିହାରୀ ଜେନା, ସରପଂଚ ଶରତ କୁମାର ସାମଲ, ବଡ଼ଚଣା ବିଜୁ ଜନତାଦଳ ମହିଳା ସଭାନେତ୍ରୀ ସରସ୍ୱତୀ ବେହେରା, ପ୍ରାକ୍ତନ ବଡ଼ଚଣା ବ୍ଲକ ଚେୟାରମ୍ୟାନ୍ କୈଳାଶ ଚନ୍ଦ୍ର ରାଉତ, ପ୍ରାକ୍ତନ ସରପଂଚ ଦମୟନ୍ତୀ ସାମଲ, ଗୋପାଳପୁର ସେବା ସମବାୟ ସଭାପତି ଶରତ କୁମାର ସାହୁ, ଯୁବ ବିଜୁ ଜନତା ଦଳ ସଭାପତି ଗଣେଶ୍ୱର ବରାଳ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ମହାନ୍ତି, ଯୁବନେତା ପ୍ରବୀର ସାମଲ, ଛାତ୍ର ବିଜୁ ଜନତାଦଳ ସଭାପତି ଯତିନ୍ଦ୍ର ନାୟକ, ମିହିର ସ୍ୱାଇଁ, ମଦନ ଶାନ୍ତି, ନାରାୟଣ ପ୍ରଧାନ, ଅକ୍ଷୟ ବେହେରା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଧାୟକ ଅମର ପ୍ରସାଦ ଶତପଥି ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ।

## ବଡ଼ଚଣା ଅଞ୍ଚଳର ଦୁଇଗୋଟି ସମସ୍ୟାର ସମାଧାନ ନିମନ୍ତେ ଗୃହ ସଚିବଙ୍କ ନିକଟରେ ଦାବି

ବାଲିଚନ୍ଦ୍ରପୁର (ପିଏନ୍): ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ ଠାରେ ଏକ ଉପକାରାଗାର ପ୍ରତିଷ୍ଠା ଏବଂ ପ୍ରସ୍ତାବିତ ରତ୍ନଗିରି ଥାନା ଅଧିନରେ ବଡ଼ଚଣା ନିର୍ବାଚନ ମଣ୍ଡଳୀର କୌଣସି ଗ୍ରାମ ପଞ୍ଚାୟତକୁ ସାମିଲ ନକରି ଉଦୟଗିରି-ବାଲିଦୁକାଠାରେ ଏକ ଫାଣ୍ଡି କରାଯାଇ ବାଲିଚନ୍ଦ୍ରପୁର ଥାନା ଅଧିନରେ କାର୍ଯ୍ୟ କରିବା ନିମନ୍ତେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ ଘରୋଇ ବିଭାଗ ସଚିବ ସଂଜିବ ଚୋପ୍ରାଙ୍କ ନିକଟରେ ଦାବି ଉପସ୍ଥାପିତ କରିଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ଯାଜପୁର ଜିଲ୍ଲାରେ ଯାଜପୁର ଉପକାରାଗାର ଏବଂ ଯାଜପୁର ରୋଡ଼ ଉପକାରାଗାର ପରେ ଚଣ୍ଡିଖୋଲଠାରେ ଏକ ଉପକାରାଗାର ପ୍ରତିଷ୍ଠା ନିମନ୍ତେ ସ୍ଥାନୀୟ ଓକିଲ ସଂଗଠନ ସମେତ ଅନ୍ୟ ସଂଗଠନମାନେ ଦୀର୍ଘଦିନ ହେବ ଦାବି କରିଆସୁଛନ୍ତି। ଚଣ୍ଡିଖୋଲଠାରେ ଏକାଧିକ କୋର୍ଟ ଥିବାରୁ ଏହାର ଅଧିନସ୍ଥ ୫ ଗୋଟି ଥାନା ସମେତ ଅବକାରୀ, ବନବିଭାଗ ଓ ରେଳବାଇ ପକ୍ଷରୁ ହାରାହାରି ମାସିକ ପ୍ରାୟ ୧୦୦ ଜଣଙ୍କୁ ବିଚାରଧୀନ କଏଦି ଭାବେ ଯାଜପୁର ରୋଡ଼(ରଗଡ଼ି) ଉପକାରାଗାରକୁ ପ୍ରେରଣ କରିବାକୁ ପଡ଼ିଥାଏ। ୧୪ ଦିନ ଅନ୍ତରରେ କୋର୍ଟକୁ ଆସିବା ଏବଂ ସନ୍ଧ୍ୟା ସମୟରେ ମୁକ୍ତ କଏଦିମାନେ ଘରକୁ ଫେରିବା ନିମନ୍ତେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାକୁ ଦୃଷ୍ଟିରେ ରଖି ଚଣ୍ଡିଖୋଲ ଠାରେ ଉପକାରାଗାର ପ୍ରତିଷ୍ଠା ନିମନ୍ତେ ଶ୍ରୀ ସାମଲ ଦାବି କରିଛନ୍ତି। ଅନ୍ୟ ଏକ ଘଟଣା କ୍ରମରେ ରତ୍ନଗିରି ପ୍ରସ୍ତାବିତ ଥାନାରେ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ସାଉଡ଼ିଆ, ରଇପୁର, କୋଲଗିରି ଓ ମଝିପଡ଼ା ଗ୍ରାମ ପଞ୍ଚାୟତକୁ ସାମିଲ ନିମନ୍ତେ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଥିବାର ସୂଚନା ପାଇ ପୂର୍ବରୁ ବାଲିକୁଦା ଠାରେ ନିୟମିତ ଅବସ୍ଥାପିତ ହୋଇଆସୁଥିବା ପୋଲିସ କର୍ମଚାରୀ ବିଷୟକୁ ଦୃଷ୍ଟିରେ ରଖି ଉଦୟଗିରି ବାଲିକୁଦାଠାରେ ଏକ ଫାଣ୍ଡି ପ୍ରତିଷ୍ଠା କରାଯାଇ ଏହାକୁ ପୂର୍ବବତ୍ ବାଲିଚନ୍ଦ୍ରପୁର ଥାନା ଅଧିନରେ ରଖିବା ନିମନ୍ତେ କଂଗ୍ରେସ ନେତା ଶ୍ରୀ ସାମଲ ଦୃଢ ଦାବି କରିଛନ୍ତି।

## ଧର୍ମପରାୟଣା ଶତାୟୁ ମହିଳାଙ୍କର ଶ୍ରଦ୍ଧାଞ୍ଜଳୀ ସଭା

ବଡ଼ଚଣା (ପିଏନ୍)- ବଡ଼ଚଣା ବ୍ଲକ ନିକଟସ୍ଥ ଶାସନ ପୁରୁଷୋତ୍ତମପୁରଠାରେ ୰ ସରସ୍ୱତୀ ବାରିକଙ୍କର ଏକାଦଶ କ୍ରିୟା ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସରସ୍ୱତୀଦେବୀଙ୍କର ଫଟୋଚିତ୍ରରେ ଫୁଲ, ଧୂପଦୀପ ପ୍ରଜ୍ୱଳନ ପୂର୍ବକ ନାତି ଇଂଜିନିୟର ଭବାନୀ ବାରିକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ୰ସରସ୍ୱତୀ ଦେବୀ ୧୦୯ ବର୍ଷ ବୟସରେ ପରଲୋକ ଗମନ କରିଥିଲେ। ଉକ୍ତ ସଭାରେ ବହୁ ଜ୍ଞାନୀଗୁଣୀ ମୁରବୀ, ବୁଦ୍ଧିଜୀବି ଶିକ୍ଷାବିତ, ଶିକ୍ଷାପ୍ରେମୀମାନେ ଉପସ୍ଥିତ ରହିଥିଲେ। ଧର୍ମଚେତନା ସହିତ କର୍ତ୍ତବ୍ୟନିଷ୍ଠ ମହିଳା ରୂପେ ସେ ବେଶ ପରିଚିତ ଥିଲେ ବୋଲି ସମସ୍ତ ବକ୍ତା ମତ ପୋଷଣ କରିଥିଲେ। ପ୍ରାକ୍ତନ ଅତିରିକ୍ତ ତହସିଲଦାର ମାନସ ରଂଜନ ବାରିକ, ପ୍ରଧାନଶିକ୍ଷୟିତ୍ରୀ ସବିତା ବାରିକ, ଇଂଜିନିୟର ଭବାନୀପ୍ରସାଦ ବାରିକ, ଅମ୍ବିକା ବାରିକ, ଅଧାପିକା ନିବେଦିତା ବାରିକ, ଦିବାକର ବାରିକ, ରଶ୍ମିତାରାଣୀ ତରସିଆ, ନିରୁପମା ବାରିକ, ରାମଚନ୍ଦ୍ର ବାରିକ,ଅମ୍ବିକା ପ୍ରସାଦ ମିଶ୍ର, ରାଜାରାମ ଆଚାର୍ଯ୍ୟ, ରିନାରାଣୀ ଆଚାର୍ଯ୍ୟ, ଦୁଃଖିରାମ ଆଚାର୍ଯ୍ୟ, ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ସମାଜସେବୀ ପ୍ରଦୀପ୍ତ କୁମାର ପ୍ରଧାନ।

## ଜାରକାରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା(ପଣ୍ଡୁଆ)ସ୍ଥିତ ୱେଲବିଙ୍ଗ୍ ଫିଜିଓଥେରାପି କ୍ଲିନିକ୍‌ରେ ବିଶ୍ୱ ଭିନ୍ନକ୍ଷମ ଦିବସ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର କୈବଲ୍ୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଉତ୍ସବକୁ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ଧର୍ମଶାଳା କଲେଜ୍‌ର ପୂର୍ବତନ ଅଧ୍ୟାପକ ରାଧାଶ୍ୟାମ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମ୍ବାଦିକ ରମାକାନ୍ତ ଜେନା ମୁଖ୍ୟଅତିଥି, ସ୍ତମ୍ଭକାର ମନୋରଂଜନ ମହାନ୍ତି ମୁଖ୍ୟବକ୍ତା, ବିଇଓ ନିକୁଂଜବିହାରୀ ମହାନ୍ତି ସମ୍ମାନୀତ ଅତିଥି, ଜିଲ୍ଲା କ୍ରସର ଆସୋସିଏସନ୍ ସଭାପତି ଚନ୍ଦନ କୁମାର ନାୟକ, କବି ସଂଗ୍ରାମକେଶରୀ ଜେନା, ଥାନୁଆଳ ସମିତିସଭ୍ୟ ପ୍ରସନ୍ନ କୁମାର ରାଉତ ଓ ଶିକ୍ଷାବିତ୍ ବ୍ରଜକିଶୋର ଦାଶ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗମାନେ ସକ୍ଷମ ବ୍ୟକ୍ତିଙ୍କ ତୁଳନାରେ କୌଣସି ଗୁଣରେ କମ୍ ନୁହନ୍ତି। ନିଜର ସୃଜନ ଶକ୍ତିର ବିକାଶ କରି ସେମାନେ ସକ୍ଷମ ବ୍ୟକ୍ତିଙ୍କ ସମକକ୍ଷ ହୋଇପାରିଛନ୍ତି । ସବୁକ୍ଷେତ୍ରରେ ଦିବ୍ୟାଙ୍ଗମାନଙ୍କୁ ସହଯୋଗ କରିବା ପାଇଁ ଅତିଥିମାନେ କହିଥିଲେ। ସମାଜସେବୀ ଅନିଲ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ୍ ଫକୀର ଚରଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ପ୍ରମିଳା ସିଂହ, ଶ୍ରୀକାନ୍ତ ରାଉତ, ଲକ୍ଷ୍ମୀପ୍ରିୟା ବେଜ, ଗୀତାଳି ମହାଁ, ବର୍ଷାରାଣୀ ବେଜ, ହିମାଂଶୁ ବରାଳ, ରାମଚନ୍ଦ୍ର ଦେହୁରୀ, ବିଜୟ ସାମଲ, ରମେଶ ବେହେରା, ପ୍ରଶାଂ ବେହେରା ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା କୈବଲ୍ୟ ମହାପାତ୍ର ଧନ୍ୟବାଦ ଦେଇଥିଲେ ।










# ଘରୋଇ କ୍ୟାପଟିଭ ପାୱାର ପ୍ଲାଂଟ ଆଧାରିତ ଶିଳ୍ପାନୁଷ୍ଠାନ ଗୁଡିକରେ କୋଇଲାର ଘୋର ଅଭାବ

ଭୁବନେଶ୍ୱର,(ପି.ଏନ): ଭାରତୀୟ କ୍ୟାପଟିଭ ପାୱାର ଉତ୍ପାଦକ ସଂଘ ହେଉଛି କ୍ୟାପଟିଭ ପାୱାର ପ୍ରଡ୍ୟୁସରସର ସର୍ବୋଚ୍ଚ ସଂସ୍ଥା । ଏହାର ସଦସ୍ୟ ଶିଳ୍ପ ଗୁଡ଼ିକ ଜାତୀୟ ଅଭିବୃଦ୍ଧି ଓ ଭିତିଭୂମି ନିର୍ମାଣ ପାଇଁ ବୃହତ ଅବଦାନ ଯୋଗାଇଥାଏ । ବିଶେଷ କରି ଆଲୁମିନିୟମ, ଜିଙ୍କ, ସ୍ପ ଆଇରନ, ସିମେଂଟ, କେମିକାଲ, ପେପର, ଟେକ୍ସଟାଇଲ ପ୍ରଭୃତି ଶିଳ୍ପ ଗୁଡ଼ିକ ଏଥିରେ ଅନ୍ତର୍ଭୁକ୍ତ । ଦେଶରେ ସମୁଦାୟ ୭୮୦୦୦ ମେଗାୱାଟ ସ୍ଥାପିତ ସିପିପି କ୍ଷମତା ମଧ୍ୟରୁ ପ୍ରାୟ ୪୦,୦୦୦ ମେଗାୱାଟ ସିପିପି ତାପଜ କୋଇଲା ଆଧାରିତ, ଯାହା ବାର୍ଷିକ ୨୩୦ ନିୟୁତ ଏମଟି କୋଇଲା ବର୍ଷକୁ ଆବଶ୍ୟକ କରେ । ଏହି ସିପିପି ଓ ଆନୁସଙ୍ଗିକ ଭିତିଭୂମି ସ୍ଥାପନ ପାଇଁ ୩୦ ବିଲିୟନ ଡଲାର ମହତ୍ୱ ବିନଯୋଗ କରାଯାଇଥିବାରୁ ୧୫ ଲକ୍ଷ ପ୍ରତକ୍ଷ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ସିପିପି ଗୁଡ଼ିକ ଗ୍ରୀଡକୁ ସ୍ଥିରତା ପ୍ରଦାନ କରିଥାଏ ଏହା ସହ ଟିଆଣ୍ଡ ଡି କ୍ଷତି କମ ହୋଇଥାଏ । ଯଦ୍ୱାରା ନ୍ୟାସନାଲ ଗ୍ରୀଡ ନେଟୱର୍କରେ ଉପରୁ ଚାହିଦା ଜନିତ ଚାପ ହ୍ରାସ ହୁଏ ।କ୍ୟାପଟିଭ ପାୱାର ପ୍ଲାଂଟକୁ ନେଇ ଗଠିତ ଭାରତର ଅଣ ନିୟନ୍ତ୍ରିତ ସେକ୍ଟର, ତଥାପି ପାୱାର ସେକ୍ଟର ସହ ତୁଳନାତ୍ମକ ଭାବରେ ସମାନ ନଥିବାରୁ ମୂଲ୍ୟ ପ୍ରତିଯୋଗିତା ଓ ସ୍ଥାୟୀ ଶିଳ୍ପ କାର୍ଯ୍ୟକୁ ବଜାୟ ରଖିବା ପାଇଁ ସଂଗ୍ରାମ କରୁଛି । ଯାହା ଆବଂଟନ, କୋଇଲା ସଂଯୋଗ, ରେଲୱେ ରେକ, ମ୍ୟାଟେରିଆଲାଇଜେସନ ଇତ୍ୟାଦି ।ଅଣ ନିୟନ୍ତ୍ରିତ କ୍ଷେତ୍ର ପାଇଁ ନିଲାମ ଲିଙ୍କେଜ ଲାଗି କୋଇଲା ମନ୍ତ୍ରାଳୟର ନିର୍ଦ୍ଦେଶ (ଫେବୃଆରୀ ୧୫, ୨୦୧୫) ୭୫% ଶକ୍ତି ଓ ୨୫% ଅଣ ଶକ୍ତି ଅନୁପାତରେ କୋଇଲା ଆବଂଟନ ନିର୍ଦ୍ଦିଷ୍ଟ କରେ । ଏହା ସତ୍ୱେ ଅଣ ନିୟନ୍ତ୍ରୀତ କ୍ଷେତ୍ର ୨୦%ରୁ କମ କୋଇଲା ପାଇବାକୁ ଯାଉଛି । ଏହା ବ୍ୟତୀତ ଅଣ ଏନଆରଏସ ଗ୍ରାହକମାନେ ପାୱାର ସେକ୍ଟର ପାଇଁ ସୂଚୀତ କୋଇଲା ମୂଲ୍ୟଠାରୁ ୨୦% ଅଧିକ ମୂଲ୍ୟ ଦେବାକୁ ପଡ଼ିବ । କୋଲ ଇଣ୍ଡିଆ ପାଖରେ ପାୱାର ସେକ୍ଟର ରେକ ଯୋଗାଣକୁ ଦିନକୁ ୨୯୬ ରେକକୁ ବୃଦ୍ଧି କରିବାକୁ ନିଷ୍ପତି ନେଇଛି ।ଯାହା ଦ୍ୱାରା କୋଇଲା ଷ୍ଟକ ସ୍ତର ପ୍ରାୟ ୧୦ ଦିନରୁ ୧୪ ଦିନକୁ ବୃଦ୍ଧି ପାଇବ। ନଭେମ୍ବର ମାସରେ ଦୈନିକ ଯୋଗାଯାଉଥିବା ମୋଟ ୨୭୨ ରେକ ବିପକ୍ଷରେ ହୋଇଛି । ପାୱାର ସେକ୍ଟର ପାଇଁ କୋଇଲା ରେକର ପ୍ରସ୍ତାବିତ ବୃଦ୍ଧି ଏନଆରଏସ ଗ୍ରାହକଙ୍କୁ ପର୍ଯ୍ୟାପ୍ତ ପରିମାଣର କୋଇଲା ଉତୋଳନରୁ ବଂଚିତ କରିବ ଏବଂ ଅଟକ ରହିବା ଓ ହ୍ରାସ କରିବା ଆଡକ ନିଷ୍ପତି ଯୋଗୁ ସମାନ ସ୍ତରୀୟ କୋଇଲା ସଂକଟ ସୃଷ୍ଟି ହେବ ।ଏହି ଆଡହକ ନିଷ୍ପତି ବିନା କୌଣସି ସୂଚନାରେ ନିଆଯାଇଛି ଯଦ୍ୱାରା ଏନଆର ଉଦ୍ୟୋଗ ଗୁଡ଼ିକ ପାଇଁ କୌଣସି ସମୟ ଦିଆଯାଇ ନାହିଁ। ନଭେମ୍ବର ମାସରେ ଦିନକୁ ମୋଟ ୨୭୨ ରେକ ମଧ୍ୟରୁ ପାୱାର ସେକ୍ଟକୁ ୨୨୫ ରେକ ଯୋଗାଇ ଦିଆଯାଇଥିବା ବେଳେ ଏନଆରଏସକୁ ପ୍ରତିଦିନ ୧୭ଟି ରେକ ଯୋଗାଇ ଦିଆଯାଉଛି । ଡିସେମ୍ବର ୨୧ ପାଇଁ ପ୍ରସ୍ତାବିତ ଯୋଜନାରେ ମାତ୍ର ୨୬ଟି ରେକ ଧାର୍ଯ୍ୟ ହୋଇଛି । ଯାହା ସମ୍ଭବତଃ ଏନ ଆରଏସ ଗ୍ରାହକଙ୍କ ପାଇଁ କୋଇଲା ଅଭାବର କାରଣ ହୋଇ ପାରେ । ଏହା ଦ୍ୱାରା କିଛି ସଂସ୍ଥା ଆକସ୍ମିକ ବନ୍ଦ ହେବା ଜନିତ ଆଶଂକା ସୃଷ୍ଟି ହେବ ଓ ସମାପ୍ତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ପାଇବ। ୨୦୦୭ରେ ନୂତନ କୋଇଲା ଆବଂଟନ ନୀତି ପର୍ଯ୍ୟନ୍ତ କୋଇଲା ସଂଯୋଗ, ଯୋଗାଣ ଓ ମୂଲ୍ୟ ନିର୍ଦ୍ଧାରଣ ପାଇଁ ସିପିପିମାନଙ୍କୁ ଅନ୍ୟତ୍ର ବିଦ୍ୟୁତ ଉତ୍ପାଦନକାରୀଙ୍କ ସହ ସମାନ ଭାବେ ବିବେଚନା କରାଯାଇଥିଲା । ୧୯୯୪ ପରଠାରୁ ସରକାର ଶିଳ୍ପ ଗୁଡ଼ିକୁ ସିପିପିରେ ବିନିଯୋଗ କରିବାକୁ ଉତ୍ସାହିତ କରିଆସୁଛନ୍ତି। ଏନସିଡିପି ସିପିପି ଓ ଆଇପିପି ମଧ୍ୟରେ କୌଣସି ପାର୍ଥକ୍ୟ ରଖେ ନାହିଁ, ଶକ୍ତି ପାଇଁ କୋଇଲାକୁ ସୁନିଶ୍ଚିତ କରେ ଯାହା ଉତ୍ପାଦନ ପଦ୍ଧତି ନିର୍ବିଶେଷରେ । କୋଇଲା ଓ ରେକ ଆବଂଟନ ଓ ମୂଲ୍ୟ ଉପରେ ପାୱାର ସେକ୍ଟର ଓ ଏନଆରଏସ ମଧ୍ୟରେ ସମାନ ବ୍ୟବହାର ପାଇଁ ଶିଳ୍ପ ସଂସ୍ଥାଗୁଡ଼ିକ ଦାବି ଜଣାନ୍ତି ଓ ସରକାରଙ୍କ ସହାୟତା ଆଶା କରନ୍ତି । ଯେଉଁ ଗୁଡ଼ିକ ହେଲା:- ଦିନକୁ ଅତିକମରେ ୫୦ଟି ରେକ ଯୋଗାଣ,ସ୍ଥାୟୀ ଶିଳ୍ପ ପାଇଁ ଲିଙ୍କେଜ ବିରୁଦ୍ଧରେ କୋଇଲା ଯୋଗାଣ ପୁନଃ ଆରମ୍ଭ, ଫେବୃଆର ୧୫, ୨୦୧୬ର ନିଲାମ ଲିଙ୍କେଜ ପାଇଁ ମୋସି ସାର୍କୁଲାର ଅନୁସାରେ ୭୫% ଶକ୍ତି ଓ ୩୫% ଅଣ ଶକ୍ତି ଅନୁପାତରେ ରେକ ମାଧ୍ରମରେ କୋଇଲା ଆବଂଟନ, କୋଇଲା ଯୋଗାଣକୁ ବନ୍ଦ କରିବା ବା କମ କରିବା ପାଇଁ ନିଷ୍ପତି ଗ୍ରହଣ ଆଡହକ ଆଧାରରେ କରାଯିବା ଆବଶ୍ୟକ ।

# ଜାରକା ଏନ୍‌ଏସି ପ୍ରସ୍ତାବ ଅଧା ବାଟରେ ରହିଛି

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାକୁ ବିଜ୍ଞାପିତ ପରିଷଦ ଅଂଚଳ(ଏନ୍‌ଏସି) ଘୋଷଣା କରିବାକୁ ଦୀର୍ଘବର୍ଷ ହେଲା ଦାବି ହୋଇ ଆସୁଥିବା ବେଳେ ଏହା କାର୍ଯ୍ୟକାରୀ ନହେବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଜାରକାକୁ ଏନ୍‌ଏସି କରିବାପାଇଁ ଦୀର୍ଘ ଦିନ ହେଲା ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହାକୁ କେବେ ଏନ୍‌ଏସି ମାନ୍ୟତା ମିଳିବ ଏହାକୁ ନେଇ ଦ୍ୱନ୍ଦ ଲାଗିରହିଛି । ଅନ୍ୟପଟେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତି ହୋଇନଥିବାରୁ ଏହା ଅଟକି ରହିଥିବା ଜାଣିବାକୁ ମିଳିଛି । ସୂଚନା ଯୋଗ୍ୟ, ଧର୍ମଶାଳା ବ୍ଲକର ଜାରକା ବ୍ଲକ ମୁଖ୍ୟାଳୟ ହୋଇଥିବା ବେଳେ ଏଠାରେ ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ସମେତ ବ୍ୟାଙ୍କ, ସ୍କୁଲ, କଲେଜ ଆଦି ଶିକ୍ଷାନୁଷ୍ଠାନ ରହିଛି । ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ଜାରକା ଯାଜପୁର ଜିଲ୍ଲାର ଏକ ପ୍ରମୁଖ ବ୍ୟବସାୟୀକ କେନ୍ଦ୍ର ହୋଇଥିବା ବେଳେ ଏଠାରେ ସମସ୍ତ ପ୍ରକାର ଭିତିଭୂମି ରହିଥିବାରୁ ଏହାକୁ ଏନ୍‌ଏସି ମାନ୍ୟତା ଦେବାକୁ ଦାବି ଜଣାଇ ଧର୍ମଶାଳାର ପୂର୍ବତନ ବିଧାୟକ ତଥା ଖଦି ବୋର୍ଡର ପୁର୍ବତନ ଅଧ୍ୟକ୍ଷ ରବି ଲାବଣ୍ୟ ମୁଖ୍ୟମନ୍ତ୍ରୀ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗକୁ ପତ୍ର ଲେଖି ଜଣାଇଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ପ୍ରସ୍ତୁତି ଆରମ୍ଭ କରାଯିବା ସହ ଆବଶ୍ୟକ ତଥ୍ୟ ଏବଂ କାଗଜପତ୍ର ଦେବାକୁ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏନେଇ ଜିଲ୍ଲାପାଳ ଧର୍ମଶାଳା ପଂଚାୟତ ସମିତିକୁ ସମ୍ପୃକ୍ତ ପଂଚାୟତ ଗୁଡିକର ରିଜୋଲ୍ୟୁସନ ଦେବା ପାଇଁ ଚିଠି କରିଥିଲେ । ଜାରକା ସମେତ କୁମାରୀ, ଗଙ୍ଗାଧରପୁର, ଚୋରମୁହାଁ, ଚହଟା, ସିନ୍ଦୁରିଆ ଓ ଅଭୟପୁର ଆଦି ପଂଚାୟତ ଏଥିରେ ସାମିଲ କରାଯିବାକୁ ପ୍ରସ୍ତାବ ରହିଛି । ଏନଏସିରେ ସାମିଲ ହେବାକୁ ଥିବା ଉପରୋକ୍ତ ପଂଚାୟତ ପକ୍ଷରୁ ରିଜୋଲ୍ୟୁସନ କରାଯାଇନଥିବାରୁ ଏହି କାର୍ଯ୍ୟ ଅଧାବାଟରେ ଅଟକି ରହିଥିବା ଜାଣାପଡିଛି । ଅନ୍ୟପକ୍ଷରେ ଜାରକାକୁ ଏନ୍‌ଏସି କରିବା ପାଇଁ ରାଜ୍ୟ ସରକାରଙ୍କର ଏହା ସକ୍ରିୟ ବିଚାରଧୀନ ଥିବା ବେଳେ ରାଜ୍ୟ ସରକାର ଜିଲ୍ଲାପାଳଙ୍କ ରିପୋର୍ଟକୁ ଅପେକ୍ଷା କରି ରହିଥିବା ଜଣାପଡିଛି । ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଆଗେଇ ଆସିବା ସହିତ ସହଯୋଗର ହାତ ବଢାଇବାକୁ ପୂର୍ବତନ ବିଧାୟକ ରବି ଲାବଣ୍ୟ ଆହ୍ୱାନ କରିଛନ୍ତି ।

# ପଟୁଣିଆ ପଂଚାୟତରେ ବିଜେପିର ମିଶ୍ରଣ ପର୍ବ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପଟୁଣିଆ ପଂଚାୟତରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ପଟୁଣିଆ ପଂଚାୟତର ଅନ୍ୟଦଳର ଶତାଧିକ କର୍ମୀ ଓ ଆଗଧାଡିର ନେତା ଦଳ ଛାଡି ବିଜେପିରେ ସାମିଲ ହୋଇଛନ୍ତି । ଶ୍ରୀମତୀ ପହି ଦଳରେ ସାମିଲ ହୋଇଥିବା କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଦଳୀୟ ଉତରୀୟ ଦେଇ ସ୍ୱାଗତ କରିଥିଲେ । ବିଜେପି ନେତା ବିଶ୍ୱମ୍ଭର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଭୁତି ଭୁଷଣ ଜେନା, ହିମାଂଶୁ ମହାପାତ୍ର, ତପନ ମାହୁନ୍ତ, କୁଳମଣି ମଲିକ, ଦୁଷ୍ମନ୍ତ ରାୟ, ଗୌରାଙ୍ଗ ପୃଷ୍ଟି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ନୀତିକୁ ବିରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାହ୍ନୁ ରାଉତ, ବିଭୁ ଗନ୍ତାୟତ, କାର୍ତିକ ବାରିକ, ହେମନ୍ତ ରାଉତ, ହରିହର ରାଉତ ଓ ରମେଶ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ଧର୍ମଶାଳା ବ୍ଲକର ବିଭିନ୍ନ ପଞ୍ଚାୟତରେ ସ୍ମାର୍ଟ କାର୍ଡ ବଣ୍ଟନ ଓ ପ୍ରକଳ୍ପ ଉଦଘାଟନ

ଧର୍ମଶାଳା, (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୧୩ନଂ ଜୋନର ଆରୁହା, ହରିଦାସପୁର, କଣ୍ଟିଗଡିଆ, କ୍ଷେତ୍ରପାଳ, ନେଉଳପୁର, ସୁନ୍ଦରିଆ ଗ୍ରାମ ପଞ୍ଚାୟତରେ ଆଜି ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରିଛନ୍ତି । ଏହି ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଶାଳା ବ୍ଲକ ଏବିଡିଓ ଅସିତ୍ ପାତ୍ରଙ୍କ ସଭାପତିତ୍ୱ କରିଥିବାବେଳେ ୧୧ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ସୁରେଖା ନାୟକ, ୧୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ପ୍ରଣତୀ ଲେଙ୍କା, ଜିଲ୍ଲା ପରିଷଦ ସଭ୍ୟ ନିରନ ରାଉ. ସାଗର ନାୟକ ଏବଂ ମମତା ଦଣ୍ଡପାଟ ଯୋଗଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୬ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ପିଇଓ, ନୋଡାଲ ଅଫିସର ଏବଂ ରିଟେଲର ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାରେ ସହାୟତା କରିଥିଲେ । ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ସମିତି ସଭ୍ୟ ଜଳଧର ମହାନ୍ତି, ବିଧାୟକ ପ୍ରତିନିଧି ନିର୍ମଳ ପ୍ରଧାନ, ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ସମସ୍ତ ପଞ୍ଚାୟତର କର୍ମୀମାନେ ଯୋଗଦେଇ ସହଯୋଗ କରିଥିଲେ । ଏଥି ସହିତ ନେଉଳପୁର ଏବଂ ହରିଦାସପୁର ଗ୍ରାମ ପଞ୍ଚାୟତରେ ନୂତନ କଲ୍ୟାଣ ମଣ୍ଡପ, ମିଶନ ଶକ୍ତି ଗୃହ ଓ କୋଠଘରକୁ ବିଧାୟକ ଉଦ୍‌ଘାଟନ କରିଥିଲେ । ସେହିପରି ୧୫ନଂ ଜିଲ୍ଲା ପରିଷଦ ଜୋନର ଉତରପ୍ରତାପ ପଂଚାୟତରେ ବିଧାୟକ ଶ୍ରୀ ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ମିଶନ ଶକ୍ତି ଗୃହ ଉଦଘାଟନ କରିବା ସହ ସ୍ୱାସ୍ଥ୍ୟ କାର୍ଡ ବଂଟନ କରିଥିଲେ । ଏଥିରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ସମିତି ସଭ୍ୟ ଜଳଧର ସାହୁ, ଜିଲ୍ଲାପରିଷଦ ସଭ୍ୟା, ସରପଂଚ ଯୋଗଦେଇଥିଲେ । ଯୁବ ସଙ୍ଗଠକ ଗୌତମ ସାହୁ, ସୁଧାଂଶୁ ସାହୁ, ଭରତ ଦାସ, କ୍ଷୀରାବ୍ଧି ତନୟା ମଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ଶ୍ରମିକ ଛଟେଇ ପ୍ରତିବାଦରେ ପେଟ୍ରୋଲ ଓ ଡ଼ିଜେଲ ପମ୍ପ କର୍ମଚାରୀଙ୍କ ବିକ୍ଷୋଭ

ଭୁବନେଶ୍ୱର, (ପି.ଏନ): ସର୍ବନିମ୍ନ ୨୧ ହଜାର ଟଙ୍କା ଦରମା ବୃଦ୍ଧି, ମହାଙ୍ଗା ଭତା ପ୍ରଦାନ ଏବଂ ଶ୍ରମିକ ଛଟେଇ ବନ୍ଦ ପ୍ରଦିବାଦରେ ଓଡ଼ିଶା ପେଟ୍ରୋଲ ଓ ଡ଼ିଜେଲ ପମ୍ପ କର୍ମଚାରୀ ସଂଘ ତରଫରୁ ଚନ୍ଦ୍ରଶେଖରପୁରସ୍ଥିତ ଭାରତୀୟ ତୈଳ ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାସହ ଏକ ପାଂଚଜଣିଆ ପ୍ରତିନିଧି ଦଳ ୫ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ତୈଳ କମ୍ପାନୀ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି ।ସଂଘର ସଭାପତି ସୁରେଶ ଚନ୍ଦ୍ର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ତୈଳପମ୍ପର ଶ୍ରମିକ, ଶ୍ରମ କରି ଗରାଖମାନଙ୍କ ଠାରୁ ଦାୟିତ୍ୱର ସହ ତୈଳ ଦେଇ ଅର୍ଥ ସଂଗ୍ରହ କରନ୍ତି । ଯେଉଁ ଅର୍ଥରେ କମ୍ପାନୀ, ସରକାର ଏବଂ ଡ଼ିଲରମାନେ ଲକ୍ଷ ଲକ୍ଷ ଟଙ୍କା ଲାଭ ପାଆନ୍ତି । ମହଙ୍ଗା ଭତା ଏବଂ ସର୍ବନିମ୍ନ ୨୧୦୦୦ ଟଙ୍କା ଦରମା ବୃଦ୍ଧି ସହିତ ଇନ୍‌ସେନଟିଭ ପ୍ରଦାନ କରାଯାଉ । ଶ୍ରମିକମାନଙ୍କର ସୁରକ୍ଷା ଓ ସିଟି ଆଲାଉନ୍ସ ଏବଂ ସ୍ୱାସ୍ଥ୍ୟବୀମା ଯୋଗାଇ ଦେବାକୁ ଦାବି କରାଯାଇଛି । ଭାରତୀୟ ତୈଳ ନିଗମ ଓଡ଼ିଶାରେ ଅନ୍ୟ ତୈଳ ନିଗମମାନଙ୍କର କୋର୍ଡ଼ିନେଟର ଅଟେ । ତେଣୁ ଭାରତୀୟ ତୈଳ ନିଗମ ଉପରୋକ୍ତ ଦାବିକୁ ଦୃଷ୍ଟିରେ ରଖି ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସଭାପତି ଶ୍ରୀ ରାଉତରାୟ ଆହ୍ୱାନ କରିଛନ୍ତି ।

# ଉଠାଦୋକାନୀଙ୍କ ଥଇଥାନ ନେଇ ବିଏମ୍‌ସି ସହ ଆଲୋଚନା

ଭୁବନେଶ୍ୱର, (ପି.ଏନ): ଭୁବନେଶ୍ୱର ଉଠା ଦୋକାନୀ ବ୍ୟବସାୟୀ ସଂଘର ଏକ ପ୍ରତିନିଧିଦଳ ସଂଘର ସଭାପତି ସୁର ଜେନାଙ୍କ ନେତୃତ୍ୱରେ ବିଏମ୍‌ସି କର୍ତୃପକ୍ଷଙ୍କ ସହିତ ଉଠା ଦୋକାନୀମାନଙ୍କ ଥଇଥାନ ସମ୍ପର୍କରେ ଆଲୋଚନା କରିଛନ୍ତି । ଆଜି ପୂର୍ବାହ୍ନରେ ବିଏମ୍‌ସି ଅଫିସରେ ଅନୁଷ୍ଠିତ ଆଲୋଚନା ବୈଠକରେ ବିଏମ୍‌ସି ପକ୍ଷରୁ ଅତିରିକ୍ତ କମିଶନର ଓ ଡେପୁଟି କମିଶନର ପ୍ରମୋଦ ପୃଷ୍ଟି ଏବଂ ଉଠା ଦୋକାନୀମାନଙ୍କ ପକ୍ଷରୁ ସଂଘର ସଭାପତି ସୁର ଜେନା, ସମ୍ପାଦକ କୈଳାସ ପୁହାଣ, ଭରତ ସାହୁ, ସନ୍ତୋଷ ନାୟକ, ଅଜିତ କୁମାର ବେହେରା ଓ ପ୍ରମୋଦ ରାଉତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।ଉଠା ଦୋକାନୀ ବ୍ୟବସାୟୀ ସଂଘର ସଭାପତି ସୁର ଜେନା ଆଲୋଚନାରେ କହିଲେ– ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭାରତର ପାର୍ଲାମେଂଟ ଉଠାଦୋକାନୀ ମାନଙ୍କ ଥଇଥାନ ପାଇଁ ଆଇନ ତିଆରି କରିଛି । ବିଏମ୍‌ସି ମଧ ଅଶୋକନଗର, ମାଷ୍ଟରକ୍ୟାଂଟିନ, ନିକୋ ପାର୍କ ରୋଡ଼ ଓ ବାୟାବାବା ମଠ ଛକର ଉଠାଦୋକାନୀମାନଙ୍କ ସର୍ଭେ କରି ସେମାନଙ୍କୁ କୁପନ ଦେଇଛି । ଶିଶୁ ଭବନ ଛକଠାରୁ ବାଣୀବିହାର ମଧରେ ନିର୍ମିତ ସ୍ଥାୟୀ ଭେଣ୍ଡିଂ ଜୋନରେ ଏହି ଉଠା ଦୋକାନୀମାନଙ୍କୁ ଘର ଯୋଗାଇବା ପର୍ଯ୍ୟନ୍ତ ଅନ୍ୟ କାହାକୁ ଘର ଦିଆଯାଇ ପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ଓ ଭୁବନେଶ୍ୱର ସିଭିଲ୍ ଜଜ୍‌କୋର୍ଟ ରହିତାଦେଶ ଜାରି କରିଛନ୍ତି । ମାତ୍ର ବିଏମ୍‌ସି କର୍ତୃପକ୍ଷ ରହିତାଦେଶ ସତ୍ୱେ ଅନ୍ୟମାନଙ୍କୁ ଦୋକାନ ଗୃହ ଆବଂଟନ କରୁଛନ୍ତି । ବିଏମ୍‌ସି କର୍ତୃପକ୍ଷ ଏହି ରହିତାଦେଶକୁ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

# ମ୍ୟୁନିସିପାଲ କ୍ୟାଡରରେ ଯୋଗଦେଲେ ୧୨୫ ଜଣ ଜୁନିୟର ଆସିଷ୍ଟାଂଟ

ଭୁବନେଶ୍ୱର,(ପି.ଏନ): ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନସ୍ଥ ଓଡ଼ିଶା ମ୍ୟୁନିସିପାଲ କ୍ୟାଡରରେ ୧୨୫ ଜଣ ଜୁନିୟର ଆସିଷ୍ଟାଂଟ ଯୋଗ ଦେଇଛନ୍ତି । ଏହି ଉପଲକ୍ଷେ ଲୋକସଭା ଭବନର କନଭେନ ସେଂଟରଠାରେ ଅନୁଷ୍ଠିତ ଓରିଏଂଟେସନ୍ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଥିଲେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସରକାରଙ୍କ ବିକାଶମୂଳକ ଯୋଜନାଗୁଡ଼ିକର ମୁଖ୍ୟ ହିତାଧିକାରୀ ହେଉଛନ୍ତି, ଗରିବ ଓ ଦୁର୍ବଳ ବର୍ଗ । ଏଣୁ ଆମ ନାଗରିକମାନଙ୍କୁ ପେସାଦାର ମନୋଭାବ, ସମ୍ମାନ ଓ ସହୃଦୟତାର ସହିତ ବ୍ୟବହାର କରିବାକୁ ସରକାରୀ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ସେ ଆହୁରି ମଧ କହିଛନ୍ତି ରାଜ୍ୟ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୫ଟି ଅଧିନରେ ଜାଗା ମିଶନ, ମୁକ୍ତା , ଆହାର, ଉନ୍ନତି, ସହରାଂଚଳ ଜଳଯୋଗାଣ, ସହରାଂଚଳ ପରିମଳ, ଗାରିମା ଆଦି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହି ଜୁନିଅର ଆସିଷ୍ଟାଂଟମାନେ ରାଜ୍ୟରେ ଥିବା ୧୧୪ଟି ପୌରସଂସ୍ଥାରେ ନିଯୁକ୍ତ ହେବେ । ଲୋକମାନଙ୍କୁ ସେବା ଯୋଗାଇବାବେଳେ ୫ଟି ଓ ମୋ ସରକାରର ମୁଖ୍ୟ ଲକ୍ଷ୍ୟକୁ ମନେ ରଖିବାକୁ ସେ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗରେ ଖାଲି ଥିବା ପଦବୀ ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ବେଳେ ଏହି ସବୁ ଖାଲି ପଦବୀ ପୂରଣ ନେଇ ସପୂର୍ଣ୍ଣ ପଦକ୍ଷେପ ନିଆଯାଉଛି । ଏଥିସହିତ ୫-ଟି ସଚିବ ଭି.କେ ପାଣ୍ଡିଆନ୍ ନବ ନିଯୁକ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ଆପଣମାନେ ଏକ ସ୍ୱଚ୍ଛ ପ୍ରକ୍ରିୟା ମଧରେ ସରକାରୀ ଚାକିରି ପାଇଛନ୍ତି । ଏବଂ ଲୋକଙ୍କୁ ସେବା ଯୋଗାଇଦେବା ବେଳେ ମଧ ସ୍ୱଚ୍ଛତା ଅବଲମ୍ବନ କରିବେ ଏବଂ ଗରିବ ଲୋକେଙ୍କ କଲ୍ୟାଣ ଦିଗରେ ସମ୍ପୂର୍ଣ୍ଣ ନିଷ୍ଠାର ସହ କାର୍ଯ୍ୟ କରିବେ ।

# ପିଏମ୍ ଆବାସ ଯୋଜନା ନେଇ ପୁଣି କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ସାଂସଦ

ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ପୁଣିଥରେ କେନ୍ଦ୍ରମନ୍ତ୍ରୀ ଗିରିରାଜ୍ ସିଂହଙ୍କ ସହ ଆଲୋଚନା କରିଛନ୍ତି ବିଜେଡି ସାଂସଦ । ସୋମବାର ଦିନ ନୂଆଦିଲ୍ଲୀ ସ୍ଥିତ କୃଷି ଭବନରେ ବିଜୁ ଜନତା ଦଳର ଉଭୟ ଲୋକସଭା ଓ ରାଜ୍ୟସଭା ସାଂସଦମାନେ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି । ଏହି ଆଲୋଚନାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଏମ୍‌ଏନ୍‌ଆରଇଜିଏମ୍ ଯୋଜନାରେ ଓଡ଼ିଶାର ଦାବି ସମ୍ପର୍କରେ ଜଣାଇଥିଲେ ।ପୂର୍ବରୁ ଗତ ୧୪ ତାରିଖରରେ ମଧ ବିଜେଡି ସଂସଦୀୟ ଦଳ ସମାନ ପ୍ରସଂଗରେ କେନ୍ଦ୍ରମନ୍ତ୍ରୀ ଗିରିରାଜ୍ ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଫନି ବାତ୍ୟାରେ ୧ ଲକ୍ଷ ୮୪ ହଜାର ପରିବାର ଘରାଇଥିବା ଲୋକଙ୍କୁ ବାସଗୃହ ଯୋଗାଇବାକୁ ଦାବି ଜଣାଇଥିଲେ । ଏଥିସହ କେବିକେ ଅଂଚଳର ୧୩ ଲକ୍ଷ ଗରିବ ପରିବାରକୁ ଘର ଦେବାକୁ ଦାବି କରିଥିଲେ । ଆବାସ ଯୋଜନାରେ ଗରିବଙ୍କୁ ଘର ଦେବାକୁ ଗତ ୧୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଚିଠି ଲେଖିଥିଲେ । ତେବେ ଏନେଇ ପୁଣି ଥରେ ଆଲୋଚନା କରିବା ନେଇ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ବେଳେ ଆଜି ପୁଣି ବିଜେଡି ସଂସଦୀୟ ଦଳ ସହ ଆଲୋଚନା କରିଛନ୍ତି ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ




ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟଯୋଶୀ ସୂଚନା ଦେଇଛନ୍ତି । ଏହି ଜମି ଗୁଡିକ ୩୨୩ ବର୍ଗ ଫୁଟରୁ ସର୍ବାଧିକ ୪୮୦ ବର୍ଗଫୁଟ ମଧରେ ଯୋଗାଇ ଦିଆଯିବ । ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।

# ଯାଜପୁରରେ ଉନ୍ନୟନମୂଳକ ପ୍ରକଳ୍ପ ଗୁଡ଼ିକର କ୍ଷେତ୍ରସ୍ତରୀୟ ନିରୀକ୍ଷଣ କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, (ପି.ଏନ): ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଯାଜପୁର ଜିଲ୍ଲାଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଗୁଡ଼ିକର କ୍ଷେତ୍ରସ୍ତରୀୟ ଅଗ୍ରଗତି ନିରୀକ୍ଷଣକରିବା ସହ ପ୍ରକଳ୍ପଗୁଡ଼ିକର ବିଭିନ୍ନ ପର୍ଯ୍ୟାୟ କାମ ଏବଂ ପୂର୍ଣ୍ଣାଙ୍ଗ ନିମନ୍ତେ ସମୟ ସୀମା ନିର୍ଦ୍ଧାରଣ କରିଛନ୍ତି । ଜିଲ୍ଲାରେ ପହଂଚିବା ପରେ ପରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଜିଲ୍ଲାପାଳ ଚକ୍ରବର୍ତୀ ସିଂ ରାଠୋରଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିର୍ମାଣାଧିନ ସଂପ୍ରସାରଣ ବ୍ଲକର ଅଗ୍ରଗତି କାର୍ଯ୍ୟ ପରିଦର୍ଶନ କରିଥିଲେ । କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରି ୨୦୨୨ଅଗଷ୍ଟମାସ ଶେଷସୁଦ୍ଧା କାର୍ଯ୍ୟପୂର୍ଣ୍ଣାଙ୍ଗ ପୂର୍ବକ ରୋଗୀ ସେବାରେ ନିୟୋଜିତ କରିବା ପାଇଁ ନିର୍ମାଣକାରୀ ସଂସ୍ଥା ଏବଂ ଜିଲ୍ଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ପରେପରେ ଶ୍ରୀ ମହାପାତ୍ର ନିର୍ମାଣାଧୀନ ଯାଜପୁର ମେଡିକାଲ କଲେଜ, ଇନଡୋର ସ୍ପୋର୍ଟସ୍ କଂପ୍ଲେକ୍ସ, ମା’ ବିରଜା ମନ୍ଦିର ଚତୁପାର୍ଶ୍ୱ ଉନ୍ନୟନ ପ୍ରକଳ୍ପ ଏବଂ ବିରଜା ହାଇସ୍କୁଲ ରୂପାନ୍ତରଣ ପ୍ରକଳ୍ପ ଆଦି ପରିଦର୍ଶନ କରି ପ୍ରକଳ୍ପ ଗୁଡ଼ିକର କ୍ଷେତ୍ରସ୍ତରୀୟ ଅଗ୍ରଗତି ଅନୁଧ୍ୟାନ କରିଥିଲେ ।ପ୍ରାୟ ୪୨୬ କୋଟି ଟଙ୍କା ବିନିଯୋଗରେ ନିର୍ମାଣ କରାଯାଉଥିବା ଏହି ମେଡିକାଲ କଲେଜର କାର୍ଯ୍ୟ ୨୦୨୩ ମସିହା ଜୁନ୍ ମଧ୍ୟରେ ସାରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ସେହିପରି ପ୍ରାୟ ୧୪.୪୦ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ନିର୍ମାଣ ହେଉଥିବା ଇନଡ୍ରୋର ସ୍ପୋର୍ଟସ୍ କଂପ୍ଲେକ୍ସ ଏବଂ ୬.୫ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ କରାଯାଉଥିବା ମା ବିରଜା ମନ୍ଦିର ଚର୍ତୁପାର୍ଶ୍ୱ ଉନ୍ନୟନ କାର୍ଯ୍ୟ ୨୦୨୨ ମାର୍ଚ୍ଚ ସୁଦ୍ଧା ସାରିବା ପାଇଁ ସମୟ ସୀମା ନିର୍ଦ୍ଧାରଣ କରିଥିଲେ। ଏହି ଗସ୍ତକାଳରେ ଶ୍ରୀ ମହାପାତ୍ର ବିରଜା ଉଚ୍ଚ ଇଂରାଜୀ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟ ରୂପାନ୍ତରଣ ପ୍ରକଳ୍ପର ଅଗ୍ରଗତି ନିରୀକ୍ଷଣ କରିଥିଲେ। ବିଦ୍ୟାଳୟର ସ୍ମାର୍ଟ କ୍ଲାସ୍ ରୁମ୍, ଇ-ଲାଇବ୍ରେରୀ, ବିଜ୍ଞାନ ପରୀକ୍ଷାଗାର ଆଦି ପରିଦର୍ଶନ କରି ଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ । ଏହିସବୁ ସୁବିଧାର ସର୍ବୋତ୍କୃଷ୍ଟ ବ୍ୟବହାର ପୂର୍ବକ ଛାତ୍ରଛାତ୍ରୀମାନଙ୍କୁ ଦେଶର ଯେକୌଣସି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସମକକ୍ଷକରି ଗଢ଼ିବାପାଇଁ ଶ୍ରୀ ମହାପାତ୍ର ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଗସ୍ତ ସମୟରେ ଜିଲ୍ଲାପାଳ ଶ୍ରୀ ରାଠୋର ଏବଂ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଆବଶ୍ୟକୀୟ ସଦ୍ୟତନ ତଥ୍ୟ ଉପସ୍ଥାପନ କରିଥିଲେ।

# ଜାନୁୟାରୀ ୧୬ରୁ ପୁରୀ-ଅନୁଗୁଳ ସ୍ୱତନ୍ତ୍ର ଟ୍ରେନ ନିୟମିତ ସେବା

ଭୁବନେଶ୍ୱର,(ପି.ଏନ): ପୁରୀରୁ ୦୮୪୨୮ ପୁରୀ-ଅନୁଗୁଳ ସ୍ୱତନ୍ତ୍ର ଟ୍ରେନ ରବିବାର, ମଙ୍ଗଳବାର ଏବଂ ଗୁରୁବାର ଦିନ (୨, ୪, ୬, ୯, ୧୧ ଏବଂ ୧୩.୦୧.୨୦୨୨) ଜାନୁୟାରୀ ମାସ ୨ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଗୁଳ ପର୍ଯ୍ୟନ୍ତ ଯାତ୍ରା କରିବ ।ପୁରୀରୁ ୦୮୪୨୮ ପୁରୀ-ଅନୁଗୁଳ ସ୍ୱତନ୍ତ୍ର ଟ୍ରେନ ସୋମବାର, ବୁଧବାର, ଶୁକ୍ରବାର ଏବଂ ଶନିବାର ଦିନ (୧, ୩, ୫, ୭, ୮, ୧୦, ୧୨, ୧୪ ଏବଂ ୧୫.୦୧.୨୦୨୨) ଜାନୁୟାରୀ ମାସ ପହିଲା ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ତାଳଚେର ପର୍ଯ୍ୟନ୍ତ ଯାତ୍ରା କରିବ ଏବଂ ତାଳଚେର ଠାରୁ ଅନୁଗୁଳ ମଧରେ ବାତିଲ୍ ରହିବ । ଅନୁଗୁଳରୁ ୦୮୪୨୭ ଅନୁଗୁଳ-ପୁରୀ ସ୍ୱତନ୍ତ୍ର ଟ୍ରେନ ସୋମବାର, ବୁଧବାର ଏବଂ ଶୁକ୍ରବାର ଦିନ (୩, ୫, ୭, ୧୦, ୧୨ ଓ ୧୪.୦୧.୨୦୨୨) ଜାନୁୟାରୀ ମାସ ୩ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ପୁରୀ ଯାତ୍ରା କରିବ ।ଅନୁଗୁଳରୁ ୦୮୪୨୭ ଅନୁଗୁଳ-ପୁରୀ ସ୍ୱତନ୍ତ୍ର ଟ୍ରେନ ମଙ୍ଗଳବାର, ଗୁରୁବାର, ଶନିବାର ଏବଂ ରବିବାର (୨, ୪, ୬, ୮, ୯, ୧୧, ୧୩, ୧୫ ଏବଂ ୧୬.୦୧.୨୦୨୨) ଦିନମାନଙ୍କରେ ଅନୁଗୁଳ ପରିବର୍ତେ ତାଳଚେରରୁ ପୁରୀ ଯାତ୍ରା କରିବ ଏବଂ ଅନୁଗୁଳ ଓ ତାଳଚେର ମଧରେ ବାତିଲ ରହିବ। ୦୮୪୨୮/୦୮୪୨୭ ପୁରୀ-ଅନୁଗୁଳ-ପୁରୀ ସ୍ୱତନ୍ତ୍ର ଟ୍ରେନ ନିୟମିତ ସେବା ପୁରୀରୁ ୧୬.୦୧.୨୦୨୨ ଠାରୁ ଏବଂ ଅନୁଗୁଳରୁ ୧୭.୦୧.୨୦୨୨ ଠାରୁ ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ।

# ସୁବର୍ଣ୍ଣପୁର ଜିଲ୍ଲା ଯୁବ କଂଗ୍ରେସ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, (ପି.ଏନ): ସୋମବାର ସୁବର୍ଣ୍ଣପୁର ଜିଲ୍ଲା ଯୁବ କଂଗ୍ରେସ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମିତିରଞ୍ଜନ ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ଆସନ୍ତା ନିର୍ବାଚନରେ ଯୁବ କଂଗ୍ରେସ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି କହିଥିଲେ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିକୁ ସମାଲୋଚନା କରି ସେ କହିଲେ ଯେ ଶାସକ ଦଳର ଦୁର୍ନୀତି, ଭ୍ରଷ୍ଟାଚାର ଓ ଏକଛତ୍ରବାଦୀ ଶାସନର ଉପଯୁକ୍ତ ଜବାବ ଦେବାକୁ ହେଲେ ବ୍ୟାପକ ଜନଜାଗରଣ ସୃଷ୍ଟି କରିବାକୁ ହେବ । ଆସନ୍ତା ନିର୍ବାଚନରେ ଏଭଳି ଦୁର୍ନୀତିଗ୍ରସ୍ତ ସରକାରକୁ ଉପଯୁକ୍ତ ଜବାବ ଦେବାକୁ ଡ. ଲେଙ୍କା ଆହ୍ୱାନ ଦେଇଥିଲେ । ବୈଠକରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ ଅଧକ୍ଷତା କରିଥିଲେ । ଏଥିରେ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ରିୟାଜୁଲ ଅନସାରୀ ଯୋଗଦେଇ ଉଭୟ କେନ୍ଦ୍ରର ବିଜେପି ଓ ରାଜ୍ୟର ବିଜେଡି ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । ଏହି ଅବସରରେ ବହୁ ବିଜେଡି ଏବଂ ବିଜେପି ଯୁବ ନେତା ଓ କର୍ମୀ କଂଗ୍ରେସରେ ସାମିଲ ହୋଇଥିଲେ । ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା ସେମାନଙ୍କୁ ସ୍ୱାଗତ କରିବା ସହ ଏହା ଦ୍ୱାରା ସଂଗଠନ ଅଧିକ ମଜଭୁତ ହେବ ବୋଲି କହିଥିଲେ ।ବଲାଙ୍ଗୀର-ସୁବର୍ଣ୍ଣପୁର ଜିଲ୍ଲା ମଧ ଦେଇ ଯାଇଥିବା ୫୭ ନମ୍ବର ରାଜପଥର ବଲାଙ୍ଗୀର-ସୁବର୍ଣ୍ଣପୁର ସୀମା ସରହଦରେ ରହିଥିବା ଟୋଲଗେଟ୍‌ରେ ଟିକସ ଆଦାୟରେ ପକ୍ଷପାତିତା କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା । ଏହି ଟୋଲଗେଟ୍‌ରେ ବଲାଙ୍ଗୀର ଜିଲ୍ଲାର ଗାଡ଼ି ଗୁଡ଼ିକରୁ ଟିକସ ଆଦାୟ କରାଯାଉନଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲା ନମ୍ବର ଥିବା ଗାଡ଼ିଗୁଡ଼ିକରୁ ଟିକସ ଆଦାୟ କରାଯାଉଛି । ଏହାର ପ୍ରତିବାଦରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।




# ଇଡକୋକୁ ଜଙ୍ଗଲ ଜମି ପ୍ରଦାନକୁ ବିରୋଧ ଓ ବୃକ୍ଷ ସୁରକ୍ଷା ନିମନ୍ତେ ପ୍ରତିବାଦ

କୋଣାର୍କ (ପିଏନ୍)- ରାଜ୍ୟ ସରକାରଙ୍କ ଚନ୍ଦ୍ରଭାଗା ନିକଟରେ ଇଡକୋକୁ ଜଙ୍ଗଲ ଜମି ପ୍ରଦାନ ଓ ବୃକ୍ଷ ସୁରକ୍ଷା ନିମନ୍ତେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପ୍ରେରଣା ତରଫରୁ ପ୍ରତିବାଦ ରାଲି ସୋମବାର ପୁର୍ବାହ୍ନରେ ଚନ୍ଦ୍ରଭାଗା ଠାରେ ଅନୁଷ୍ଠିତ ହୋଇଯାଇଛି । ପେରଣାର ସଭାପତି ଡ. ଦିଲ୍ଲିପ ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ଏହି ପ୍ରତିବାଦ ରାଲି ଚନ୍ଦ୍ରଭାଗା ଛୋଟାବାବା ଆଶ୍ରମ ଠାରୁ ବାହାରି ସ୍ଥିରିକୃତ ଜଙ୍ଗଲ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସମସ୍ତ ବୃକ୍ଷପ୍ରେମୀ ମାନେ ବୃକ୍ଷକୁ ଧରି ତାହାର ସୁରକ୍ଷା କରିବା ଓ ଜଙ୍ଗଲ ଜମିକୁ ଇଡକୋକୁ ପ୍ରଦାନ ନକରିବା ସହ ଗଛ ନକାଟିବାକୁ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇ ସ୍ଲୋଗାନ ମାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରତିବାଦ ସଭାରେ କରମଙ୍ଗା ଜଙ୍ଗଲ ସୁରକ୍ଷା ସମିତିର ସଭାପତି ଭାଗିରଥି ସ୍ୱାଇଁ, ବୃକ୍ଷପ୍ରେମି ଜ୍ଞାନ ରଞ୍ଜନ ବିଶ୍ୱାଳ, ଯୁବ ସଂଗଠକ ଗୋପିନାଥ ସ୍ୱାଇଁ, ସମାଜସେବୀ ମିର ଅହମଦ ଅଲି ପ୍ରମୂଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ଏହି ଧ୍ୱଂସକାରୀ ନିତୀକୁ ବିରୋଧ କରିଥିଲେ। ସୁଚନାଯୋଗ୍ୟଯେ କୋଣାର୍କ ବାଲୁଖଣ୍ଡ ଅଭୟାରଣ୍ୟ ଅନ୍ତର୍ଗତ ଚନ୍ଦ୍ରଭାଗା ନିକଟସ୍ଥ କରମଙ୍ଗା ଗ୍ରାମ୍ୟ ସୁରକ୍ଷା ଜଙ୍ଗଲରୁ ରାଜ୍ୟ ସରକାର ତଥା ଜଙ୍ଗଲ ବିଭାଗ ଶାଗ ମାଛ ଦରରେ ଇଡକୋକୁ ପ୍ରାୟ ୭୦ ଏକର ଜଙ୍ଗଲ ଜମି ବିକ୍ରି କରିଦେବା ସହ ସେଠାରେ ହୋଟେଲ ବ୍ୟବସାୟ କରିବା ପାଇଁ ଯୋଜନା କରିଛି। ଯାହା ଫଳରେ ଭାରତର ଏକମାତ୍ର ମନୁଷ୍ୟକୃତ୍ୟ ଜଙ୍ଗଲ ତଥା ଅଭୟାରଣ୍ୟ ଏବେ ଧ୍ୱଂସ ଅଭିମୁଖ ଆଡକୁ ଗତି କରୁଛି। ଏହା ଦ୍ୱାରା ପ୍ରାୟ ୬୦ ହଜାର ଝାଉଁ ବୃକ୍ଷ ସହ ହଜାର ହଜାର କାଜୁ, ଆକାଶିଆ, ଗ୍ରାଭୋଲିଆ, ଜାମୁ, ନିମ୍ବ, ଉଇକାଲ ପଟାସ ସହିତ ଅନେକ ବୃକ୍ଷ ଲତା ଓ ଗୁଳ୍ମ ଆଦି କଟାଯିବା ପାଇଁ ସ୍ଥିର କରାଯାଇ ଚିହ୍ନଟ ହୋଇ ସାରିଛି। ଚନ୍ଦ୍ରଭାଗା ବେଳାଭୁମିକୁ ଲାଗି ରହିଥିବା ଏହି ଜଙ୍ଗଲ ଯୋଗୁଁ କୋଣାର୍କ ଅଂଚଳ ସୁରକ୍ଷିତ ରହି ଆସିଅଛି। ପ୍ରତିବର୍ଷ ଝଡ ତୋଫାନ ଓ ବାତ୍ୟା ଦାଉରୁ ଏହି ଝାଉଁ ଜଙ୍ଗଲ ଓ ପ୍ରାକୃତିକ ବାଲିବନ୍ତ ସ୍ଥାନିୟ ଅଂଚଳକୁ ସୁରକ୍ଷା କବଚ ଭାବେ ବାନ୍ଧି ରଖିଛି ଯାହାର ଉଦାହରଣ ଆମେ ବିଗତ ବାତ୍ୟା ମାନଙ୍କ ସମୟରେ ଦେଖି ଆସିଅଛୁ। ତେଣୁ ଏହି ଜଙ୍ଗଲ କଟାଯାଇ ଏଠାରେ ହୋଟେଲ କିମ୍ୱା ଅନାନ୍ୟ ଶିଳ୍ପ ପ୍ରତିଷ୍ଠା କରାଗଲେ ସିଧାସଳଖ ସ୍ଥାନିୟ ଅଂଚଳର ଲୋକମାନଙ୍କ ଉପରେ ପଡିବା ସହିତ ଜୈବ ବିବିଧତା ନଷ୍ଟ କରିବ। ଲକ୍ଷାଧିକ ବୃକ୍ଷ ସହିତ, ବାଲୁଖଣ୍ଡ ଜଙ୍ଗଲରେ ପ୍ରସିଦ୍ଧି ଲାଭ କରିଥିବା ହରିଣ ଓ ଅନେକ ପଶୁପକ୍ଷୀ ବାସ ହରାଇ ସହରୀ ମୁହାଁ ହୋଇ ମୃତ୍ୟୁ ମୁଖରେ ପଡିବେ। ସମୁଦ୍ର ଲୁଣା ପବନ ସିଧାସଳଖ ଆସି ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦୀର ଶୁକ୍ଷ୍ମ କାରୁକାର୍ଯ୍ୟ ଧ୍ୱଂସ କରିବ। ଝଡ ତୋଫାନ ହେଲେ ସମୁଦ୍ର ପାଣି ମାଡି ଆସି ସବୁ ଧୋଇନେବ। ଯାହା ଫଳରେ କେନ୍ଦ୍ରାପଡା ସାତଭାୟା ପରି କୋଣାର୍କ ଓ ଚନ୍ଦ୍ରଭାଗା ସମୁଦ୍ରରେ ଲିନ ହେବାକୁ ବେଶି ସମୟ ଲାଗିବନି। ଏଣୁ ରାଜ୍ୟ ସରକାର ଏପରି ନିଷ୍ପତି ନବଦଳାନ୍ତି ତେବେ ଆଗାମି ଦିନରେ ଅନ୍ଦୋଳନ ବ୍ୟାପକ ରୁପରେ ଧାରଣ କରି କୋଣାର୍କରୁ ଭୁବନେଶ୍ୱରର ପର୍ଯ୍ୟନ୍ତ ହେବ। ଯଦି ସରକାର ସେଥିରୁ ନିବୃତ ନରୁହନ୍ତି ଏଥିପାଇଁ ଆମ ସଂଗଠନ ଉଚ୍ଚ ନ୍ୟାୟାଳୟ ନହେଲେ ସର୍ବୋଚ୍ଚ ନ୍ୟାୟାଳୟ ସହ ଗ୍ରୀନ ଟ୍ର୍ୟୁବୁନାଲ ପର୍ଯ୍ୟନ୍ତ ଯିବାକୁ ପଛାଇବ ନାହିଁ ବୋଲି ପ୍ରେରଣା ସଭାପତି ଦିଲିପ ଶ୍ରୀଚନ୍ଦନ ପ୍ରକାଶ କରିଛନ୍ତି। ଏହି ପ୍ରତିବାଦ ଶୋଭାଯାତ୍ରାରେ କୋଣାର୍କ ଅଂଚଳର ବୃକ୍ଷପ୍ରେମୀ ମାନଙ୍କ ସହିତ କରମଙ୍ଗା ଗ୍ରାମର ମହିଳାମାନେ ଯୋଗ ଦେଇଥିଲେ।

# ଶତାୟୁ ପୁରୁଷଙ୍କ ସ୍ମୃତି ଚାରଣ ସଭା

ଚଣ୍ଡିଖୋଲ (ପି.ଏନ୍)-ଚଣ୍ଡିଖୋଲ ନିକଟସ୍ଥ ପଟୁଣିଆ ପଂଚାୟତ ଅଧିନ ରାଧାଦେଇପୁର ଗ୍ରାମର ସ୍ୱର୍ଗତ ନିତ୍ୟାନନ୍ଦ ଗନ୍ତାୟତ(୧୦୦)ଙ୍କ ସ୍ମୃତି ଚାରଣ ସଭା ଜିଲା ପୂଜ୍ୟପୂଜା ପରିଷଦ ଆନୁକୂଲ୍ୟରେ ସେହି ଗ୍ରାମର ଶ୍ରୀ ହନୁମାନ ଜୀଉଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ଚାରଣ ସଭାରେ ପୂଜ୍ୟପୂଜା ପରିଷଦର ଆବାହକ ଅଭିମନ୍ୟୁ ଧଳ ଅଧକ୍ଷତା କରିଥିଲେ। ଏଥିରେ ଅଧ୍ୟାପକ ଚନ୍ଦନ ପ୍ରଧାନ, ପରମାନନ୍ଦ ସ୍ୱାଇଁ, ପ୍ରାକ୍ତନ ସରପଂଚ କନକଲତା ଗନ୍ତାୟତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ସ୍ୱର୍ଗତ ଗନ୍ତାୟତ ପ୍ରାରମ୍ଭରୁ ସଙ୍କିର୍ତ୍ତନ ସହିତ ଜଡ଼ିତ ହୋଇ ପ୍ରଭୁ ଶ୍ରୀ ଜଗନ୍ନାଥ, ମହାପୁରୁଷ ଅଚ୍ୟୁତାନନ୍ଦ, ହାଡ଼ିଦାସ ଓ ଭଗବାନ ଶ୍ରୀରାମଙ୍କ ଭଜନ ଗାଇ ଲୋକ ପ୍ରିୟତା ଅର୍ଜନ କରିଥିଲେ। ସେ ମଧ ସୁଦକ୍ଷ କଳାପ୍ରେମୀ ଥିଲେ, କଳାପ୍ରେମୀ ଥାଇ ଏ ଅଂଚଳରେ ଜଶ୍ୱସୀ ଲାଭ କରିଥିଲେ ବୋଲି ଅତିଥିମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସ୍ମୃତି ଚାରଣ ସଭାରେ ସ୍ୱର୍ଗତ ଗନ୍ତାୟତଙ୍କ ହାତ ଗଢ଼ା ସଂକୀର୍ତ୍ତନ ମଣ୍ଡଳୀମାନଙ୍କ ମଧ୍ୟରୁ ନଟବର ଗନ୍ତାୟତ, ବଟକୃଷ୍ଣ ସାମଲ, ଗଗନ ବିହାରୀ ଗନ୍ତାୟତ, ରସାନନ୍ଦ ଦାସ, ହେମନ୍ତ ବାହାଲିଆ, ବିବେକ ଗନ୍ତାୟତ, ନିରଞ୍ଜନ ଗନ୍ତାୟତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଗନ୍ତାୟତଙ୍କ ବହୁମୁଖି ପ୍ରତିଭାର ଯଶଗାନ କରିଥିଲେ। ସ୍ମୃତି କମିଟି ପକ୍ଷରୁ ସମସ୍ତ ସଂକୀର୍ତ୍ତନ ମଣ୍ଡଳୀର ସଭ୍ୟମାନଙ୍କୁ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ରାମେଶ୍ୱର କୀର୍ତ୍ତନ ମଣ୍ଡଳୀ ଆୟୋଜକ ଥିଲେ। ସ୍ୱର୍ଗତ ଗନ୍ତାୟତଙ୍କ ଜ୍ୟେଷ୍ଠପୁତ୍ର ନିର୍ମଳ ଚନ୍ଦ୍ର ଗନ୍ତାୟତ କୃତଜ୍ଞତା ଜ୍ଞାପନ କରିଥିଲେ।

# କୋଣାର୍କ ଭଗବତୀ ମହାବିଦ୍ୟାଳୟ ପକ୍ଷରୁ ସପ୍ତଦିବସୀୟ ସେବା ଶିବିର

କୋଣାର୍କ (ପିଏନ୍): କୋଣାର୍କ ଭଗବତୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ୍ର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ୧୯ ତାରିଖ ଠାରୁ କୋଣାର୍କ ଏନଏସି ଅନ୍ତର୍ଗତ ୧୧ନମ୍ବର ୱାର୍ଡର ନଳକଣ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଛି ସପ୍ତଦିବସୀୟ +୨ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିରର। ମହାବିଦ୍ୟାଳୟର +୨ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସୁରେନ୍ଦ୍ର ଖଟୁଆଙ୍କ ନେତୃତ୍ୱରେ ଆୟୋଜିତ ଏହି ସପ୍ତଦିବସୀୟ ଜାତୀୟ ସେବା ଯୋଜନା ଶିବିରରକୁ ଅବସରପ୍ରାପ୍ତ ଅଧ୍ୟାପକ ଶରତ ପ୍ରଧାନ, ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, ସମାଜସେବୀ ସୁବାଷ ବରାଲ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର +୩ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରଭାକର ପାତ୍ର ଉପସ୍ଥିତ ଥିଲେ।। ଶିବିରାର୍ଥୀମାନେ ଗ୍ରାମର ବିଭିନ୍ନ ଗଳି କନ୍ଦି, ସ୍କୁଲ, ରାସ୍ତାଘାଟ ଓ ଗ୍ରାମ୍ୟ ମନ୍ଦିରରେ ପଡି ରହିଥିବା ଅଳିଆ ଅବର୍ଜନାକୁ ସଫେଇ କରିବା ସହ ସ୍ୱଚ୍ଛତା ସମ୍ପର୍କରେ ଗ୍ରାମବାସୀମାନଙ୍କୁ ସଚେତନ କରାଉଛନ୍ତି । ଏଥିସହ ଶିବିରାର୍ଥୀମାନେ ପ୍ରତ୍ୟକଙ୍କ ଘରକୁ ଯାଇ ମହାମାରୀ କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ସଚେତନ କରାଇବାସହ ସ୍ୱାଇନଫ୍ଲୁ, ମେଲେରିଆ, ଜଳ ଓ ବାୟୁବାହିତ ରୋଗରୁ କିଭଳି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଅବଗତ କରାଉଥିବା ବେଳେ କନ୍ୟାଭ୍ରୁଣ ହତ୍ୟା ନ କରିବା ପାଇଁ ପ୍ରବର୍ତ୍ତାଉଛନ୍ତି । 'କନ୍ୟାରତନ କର ଜତନ' ନାରାକୁ ଗ୍ରାମର ପ୍ରତ୍ୟକ ବ୍ୟକ୍ତିଙ୍କୁ ଜଣାଇବା ସହ ପରିବାରର ପ୍ରତ୍ୟକ ସଦସ୍ୟଙ୍କୁ ସ୍ୱାକ୍ଷର ହେବା ପାଇଁ ଅନୁରୋଧ କରୁଛନ୍ତି। ଗ୍ରାମବାସୀଙ୍କୁ ପରିମଳ, ଉପଭୋକ୍ତା ଅଧିକାର, ଶିକ୍ଷାଧିକାର ଓ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସଚେତନ କରାଇବା ହେଉଛି ଜାତୀୟ ସେବାଯୋଜନାର ମୂଳ ଲକ୍ଷ୍ୟ। ଏହି ଶିବିରରେ ମହାବିଦ୍ୟାଳୟର ୨୫ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ଆସନ୍ତା ୨୫ତାରିଖରେ ଉଦଯାପିତ ହେବ ।

# ସୂଚନା ଅଧିକାର କର୍ମୀ ସମ୍ବର୍ଦ୍ଧିତ



ଧର୍ମଶାଳା (ପିଏନ୍): ଧର୍ମଶାଳା ଅଞ୍ଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କୁ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର ଆମ୍ରପାଲି ରିସୋର୍ଟରେ ଆୟୋଜିତ ରାଜ୍ୟସ୍ତରୀୟ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ଜଲାଦ ତ୍ରିପାଠୀ, ପୂର୍ବତନ ମୁଖ୍ୟ କମିଶନର ସୁନିଲ ମିଶ୍ର, ପୂର୍ବତନ କେନ୍ଦ୍ର ସୂଚନା କମିଶନର ଶ୍ରୀଧର ଆଚାରୟଲୁ, ବରିଷ୍ଠ ସାମ୍ବାଦିକ ରବି ଦାସ, ସତ୍ୟପ୍ରକାଶ ନାୟକ, ଆଇନଜୀବୀ ଚିତ୍ତରଂଜନ ବେହେରା ଏବଂ ଓସାର ରାଜ୍ୟ ଆବାହାକ ପ୍ରଦୀପ ପ୍ରଧାନ ଯୋଗଦେଇ ଶ୍ରୀ ବେହୁରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଆଣି ଦୁର୍ନୀତି ବିରୁଦ୍ଧରେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି । ଫଳରେ ବିଭିନ୍ନ ସମୟରେ ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କୁ ନ୍ୟାୟାଳୟ ଦଣ୍ଡିତ କରିଛନ୍ତି । ଧର୍ମଶାଳା ଅଞ୍ଚଳରେ ଥିବା ପାହାଡ଼ଗୁଡ଼ିକୁ ମଫିଆମାନେ ଲୁଟ୍ କରୁଥିବା ବେଳେ ଶ୍ରୀ ବେହୁରା ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଆଣି ଲୋକାୟୁକ୍ତ ଓ ହାଇକୋର୍ଟର ଦ୍ୱାରସ୍ଥ ହୋଇ କଳାପଥର ଚୋରାଚାଲାଣରେ ରୋକ୍ ଲଗାଇଛନ୍ତି । ଏଥିପାଇଁ ତାଙ୍କୁ ବୋମାମାଡ଼ ପରି ମରଣାନ୍ତକ ଆକ୍ରମଣର ଶିକାର ହେବାକୁ ପଡ଼ିଛି। ଶ୍ରୀ ବେହୁରାଙ୍କୁ ଏହି ସମ୍ମାନ ମିଳିଥିବାରୁ ବିଭିନ୍ନ ମହଲ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି ।

# ବରଗଡ଼ରେ ଯୁବ କଂଗ୍ରେସର ଜିଲ୍ଲା କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ଲୋକତନ୍ତ୍ରରେ ନିର୍ବାଚନ ହେଉଛି ସବୁଠୁ ବଡ଼ ଅସ୍ତ୍ର। ଏହି ଅସ୍ତ୍ର ଦ୍ୱାରା ହିଁ ଶାସକ ଦଳର ଦୁର୍ନୀତି, ଭ୍ରଷ୍ଟାଚାର ଓ ଏକଛତ୍ରବାଦୀ ଶାସନର ଉପଯୁକ୍ତ ଜବାବ ଦେଇ ହେବ। ଏଥିପାଇଁ ଯୁବବର୍ଗଙ୍କୁ ଜନଜାଗରଣର ସାରଥି ସାଜି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭ୍ରଷ୍ଟାଚାର ବିରୋଧରେ ଜନମତ ସୃଷ୍ଟି କରିବାକୁ ପଡ଼ିବ। ଯେପରି ସାଧାରଣ ଲୋକେ ଆଗାମୀ ପଂଚାୟତ ନିର୍ବାଚନରେ ଶାସକ ଦଳର ଜନମାରଣ ନୀତି ବିରୋଧରେ ଉପଯୁକ୍ତ ଜବାବ ଦେଇପାରିବେ ବୋଲି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରନ ଲେଙ୍କା କହିଛନ୍ତି । ରବିବାର ବରଗଡ଼ ଜିଲ୍ଲା ବରପାଲ୍ଲିରେ ଅନୁଷ୍ଠିତ ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମୀମାନଙ୍କୁ ଏଭଳି ଉଦ୍‌ବୋଧନ ଦେଇ ଆଗାମୀ ପଂଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଛନ୍ତି ଡ. ଲେଙ୍କା। ଏହି ଅବସରରେ ବରପାଲ୍ଲିରେ ଏକ ବିଶାଳ ବାଇକ ଶୋଭାଯାତ୍ରାରେ କର୍ମୀମାନେ ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା ଓ ପ୍ରଭାରୀ ରିୟାଜୁଲ ଅନସାରୀଙ୍କୁ ପାଛୋଟି ନେଇଥିଲେ। ପରେ ସେଠାରେ ଏକ କର୍ମୀ ସମ୍ମିଳନୀ ହୋଇଥିଲା। ଏଥିରେ ଡ. ଲେଙ୍କା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ବିରୋଧରେ ବର୍ଷିଥିଲେ। ସେ କହିଲେ ଯେ, କେନ୍ଦ୍ରର ବିଜେପି ଓ ରାଜ୍ୟର ବିଜେଡି ସରକାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଉଭୟ ଦଳ କେବଳ ନିଜ ସ୍ୱାର୍ଥ ପାଇଁ ଜନସାଧାରଣଙ୍କ ଆଗରେ ମିଥ୍ୟା ଅଭିନୟ କରୁଥିବାବେଳେ ବାସ୍ତବରେ ସାଧାରଣ ଲୋକଙ୍କ ପାଇଁ ସେମାନଙ୍କ ମନରେ କୌଣସି ଦରଦ ନାହିଁ। ଗୋଟିଏ ପଟେ ଅତ୍ୟାବଶ୍ୟକ ସାମଗ୍ରୀର ଦର ଅହେତୁକ ଭାବେ ବୃଦ୍ଧି ପାଉଥିବାବେଳେ ଅନ୍ୟ ପଟେ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ଓ ରୋଜଗାରର କୌଣସି ସୁଯୋଗ ସୃଷ୍ଟି କରାଯାଉନାହିଁ। କେନ୍ଦ୍ର ସରକାର କେବଳ ନିର୍ଦ୍ଦିଷ୍ଟ କେତେକ ପୁଁଜିପତିଙ୍କ ସମ୍ପତି ବଢ଼ାଇବାରେ ଲାଗିଛନ୍ତି । ଫଳରେ ବହୁ ଛୋଟ ଛୋଟ ସଂସ୍ଥା ବନ୍ଦ ହୋଇଗଲାଣି। କୃଷି କ୍ଷେତ୍ର ମଧ୍ୟ ବ୍ୟାପକ ଭାବେ ପ୍ରଭାବିତ ହେବାରେ ଲାଗିଛି। ମୋଦି ସରକାର ନିଜ ସ୍ୱାର୍ଥ ପାଇଁ କଳା କୃଷି ଆଇନ ଆଣିଥିଲେ ଓ ନିଜ ସ୍ୱାର୍ଥ ପାଇଁ ନିର୍ବାଚନକୁ ଦୃଷ୍ଟିରେ ରଖି ଏହାକୁ ପ୍ରତ୍ୟାହାର କରିବାକୁ ଘୋଷଣା କଲେ। ଏଥିପାଇଁ ବହୁ କୃଷକଙ୍କୁ ପ୍ରାଣବଳି ଦେବାକୁ ପଡ଼ିଲା। ମାତ୍ର ସେହି କୃଷକଙ୍କ ପ୍ରତି ମୋଦି ସରକାରଙ୍କର କୌଣସି ଦରଦ ଆସିଲା ନାହିଁ। ସେହିପରି ରାଜ୍ୟର ବିଜେଡି ସରକାର ଦୁର୍ନୀତିରେ ବୁଡ଼ି ରହିଥିବାବେଳେ ସ୍ୱେଚ୍ଛାଚାରୀ ଶାସନ ଚଳାଇଛି। ରାଜ୍ୟରେ ନାରୀମାନେ ଅସୁରକ୍ଷିତ ହୋଇପଡ଼ିବାବେଳେ ଅପରାଧ ବଢ଼ି ଚାଲିଛି। ପୀଡ଼ିତାକୁ ନ୍ୟାୟ ପ୍ରଦାନ ତ ଦୂରର କଥା ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ପୋଲିସ ଲଗାଇ ଜୁଲୁମ କରାଯାଉଛି। ସେହିପରି ଶିଳ୍ପ ନାମରେ ସାଧାରଣ ଜନତାଙ୍କ ଜମି ଛଡ଼ାଇ ନିଆଯାଉଛି। ମାତ୍ର ବେକାରୀ ସମସ୍ୟାର କୌଣସି ସମାଧାନ କରାଯାଉନାହିଁ। ଏସବୁ ପ୍ରସଙ୍ଗ ନେଇ କର୍ମୀମାନେ ବିରାଟ ଜନଜାଗରଣ ସୃଷ୍ଟି କରିବାକୁ ଡ. ଲେଙ୍କା ଆହ୍ୱାନ ଦେଇଥିଲେ। ସେହିପରି ପ୍ରଭାରୀ ରିୟାଜୁଲ ଅନସାରୀ ଏବଂ ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ୍ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଆଗାମୀ ପଂଚାୟତ ନିର୍ବାଚନରେ ଏହାର ଉପଯୁକ୍ତ ଜବାବ ଦିଆଯିବ ବୋଲି କହିଥିଲେ। ଜିଲ୍ଲା ଯୁବ କଂଗ୍ରେସର ଦୁଇ କାର୍ଯ୍ୟକାରୀ ସଭାପତି ଅଭିଷେକ ସେଠ୍ ଓ ସୁଶାଂ କୁମାର ସାହୁ ଏହି ସମ୍ମିଳନୀ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଅଭିଲାଷ ପତି, ସମ୍ପାଦକ ସମ୍ରାଟ ଜେନା, ବିଶ୍ୱଜିତ, ପୂର୍ବତନ ଯୁବ କଂଗ୍ରେସ ନେତା ଲୋକନାଥ ମହାଁ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା (ପିଏନ୍): ନିକିରାଇ ମହାବୀର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ମନୋରମା ମହାନ୍ତିଙ୍କୁ ବିଦ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ ପ୍ରାୟ ୨୦ ବର୍ଷ ଧରି ଜଣେ ଗଣଶିକ୍ଷୟିତ୍ରୀ ଭାବେ ସ୍ୱଳ୍ପ ଦରମାରେ ଚାକିରୀ କରି ନଭେମ୍ବର ମାସ ୩୦ ତାରିଖରେ ବିଦ୍ୟାଳୟରୁ ଅବସର ନେଇଛନ୍ତି । ସେ ଜଣେ କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଭାବେ ଚାକିରୀ କରି ସମସ୍ତ ଛାତ୍ରାଭିଭାବକଙ୍କ ପ୍ରଶଂସା ଭାଜନ ହୋଇପାରିଥିଲେ। ତାଙ୍କ ଶିକ୍ଷାଦାନକୁ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଆଗ୍ରହ ପ୍ରକାଶ କରିଥାନ୍ତି । ଶ୍ରୀମତୀ ମହାନ୍ତି ଗତ କରୋନା ସମୟରେ ସଂକ୍ରମଣକୁ ଖାତିର ନକରି ଅଭିଭାବକମାନଙ୍କ ଘରକୁ ଯାଇ ଡୋର୍ ଷ୍ଟେପ୍ ଟିଚିଙ୍ଗ ପାଇଁ ସଚେତନ କରାଇଥିଲେ। ଏଥିପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରୁ ମଧ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ସମ୍ମାନିତ ହୋଇଛନ୍ତି । ବିଦ୍ୟାଳୟର ପରିସରରେ ଅନୁଷ୍ଠିତ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ପ୍ରଧାନଶିକ୍ଷକ ପାର୍ଥସାରଥୀ ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଆମ ଗହଣରୁ ଜଣେ ଶିକ୍ଷୟିତ୍ରୀଙ୍କୁ ଆମେ ହରାଇଲୁ। ଏଥିସହିତ ଚାକିରୀରୁ ତାଙ୍କ ଅବସର ନିର୍ଦ୍ଦେଶ ପ୍ରଦାନ କରି ଆଗାମୀ ଦିନ ଗୁଡିକ କିପରି ଭଲରେ କଟିବ ସେଥିପାଇଁ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ବିଦାୟକାଳୀନ ସଭାରେ ବିଶିଷ୍ଟ ଶିକ୍ଷାବିତ୍ ତଥା ବର୍ତ୍ତମାନ କାର୍ଯ୍ୟରତ ଅତିଥି ଶିକ୍ଷକ ସର୍ବେଶ୍ୱର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଏକ ଫଳନ୍ତି ବୃକ୍ଷ ଶିକ୍ଷୟିତ୍ରୀ ଶ୍ରୀମତୀ ମହାନ୍ତିଙ୍କୁ ପ୍ରଦାନକରି ତାଙ୍କର ସୁସ୍ଥ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ମଧ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ ଶ୍ରୀ ବେହେରା ତାଙ୍କର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରୁ ବକେୟା ଥିବା ଦରମା କିପରି ଶୀଘ୍ର ମିଳିପାରିବ ସେଥିପାଇଁ ବ୍ୟବସ୍ଥା କରିବେ ବୋଲି ପ୍ରତିଶୃତି ଦେଇଥିଲେ ।

## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଢିଙ୍କିଆରେ ପୋଲିସର ରାତିଅଧିଆ ସନ୍ତ୍ରାସକୁ ୪ଟି ବାମପନ୍ଥୀ ଦଳର ନିନ୍ଦା

ଭୁବନେଶ୍ୱର (ପିଏନ୍)-୧୫୦ରୁ ଉର୍ଦ୍ଧ୍ୱ ପୋଲିସ ଜଗତସିଂହପୁର, ଢିଙ୍କିଆ ଗାଁରେ ପଶି ଯେଉଭଳି ସନ୍ତ୍ରାସ ଚଢ଼ାଉ କଲେ ଆମେ ସିପିଆଇ, ସିପିଆଇ (ଏମ୍), ସିପିଆଇ (ଏମ.ଏଲ.) ଲିବରେସନ ଓ ଫରୱାର୍ଡ ବ୍ଲକ ତରଫରୁ ତା'ର ଘୋର ନିନ୍ଦା କରୁଛୁ। ଯେତେବେଳେ ସାରା ଓଡ଼ିଶା, ବିଶେଷକରି ଉପକୂଳବାସୀ 'ଜୱାଦ' ଝଡ଼-ତୋଫାନର ଆଶଙ୍କାରେ ଭୟଭୀତ ଥିଲେ ସେତିକିବେଳେ ପୋଲିସ ଢିଙ୍କିଆରେ ରାତିଅଧିଆ ଆତଙ୍କରାଜ ଚଳାଇବା ଅତ୍ୟନ୍ତ ଅଗଣତାନ୍ତ୍ରିକ ଓ ଅମାନବୀୟ କାର୍ଯ୍ୟ। ଯେଉଁ କାରଣ ଯୋଗୁ ଲୋକେ ପୋସ୍କୋକୁ ବିରୋଧ କରୁଥିଲେ ସେହି କାରଣ ଯୋଗୁ ଜିନ୍ଦଲ କମ୍ପାନୀକୁ ବିରୋଧ କରୁଛନ୍ତି। ଗ୍ରାମ ସଭାରେ ଲୋକଙ୍କ ରାୟ ନ ନେଇ, ପରିବେଶ ଅନୁମତି ନ ଥାଇ କିଛି ଦଲାଲଙ୍କୁ ନେଇ ପ୍ରଶାସନ ଯେଉଁ ହୁଙ୍କାପିଟା ନୀତି ଆପଣେଇଛି ତାକୁ ଆମେ ବିରୋଧ କରୁଛୁ। କର୍ପୋରେଟ୍ ସ୍ୱାର୍ଥ ପାଇଁ ଲୋକଙ୍କ ଜୀବନ ଜୀବିକା ଉପରେ ଆକ୍ରମଣ ଏକ ଗର୍ହିତ କାର୍ଯ୍ୟ। ମିଥ୍ୟା କେଶ୍‌ରେ ଜଡ଼ିତ କରି ଦେବେନ୍ଦ୍ର ସ୍ୱାଇଁଙ୍କୁ ଗିରଫ କରିବାକୁ ଯାଇ ପୋଲିସ ତାଙ୍କ କବାଟ ବାଡ଼େଇବା, ଭାଙ୍ଗିବା ଓ ସ୍ତ୍ରୀ, ପୁରୁଷ ନିର୍ବିଶେଷରେ ସମସ୍ତଙ୍କୁ ଖଣ୍ଡିଆଖାବରା କରିବା ନିନ୍ଦନୀୟ। ଏଥିପାଇଁ ଦାୟୀ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଆହତ ଗ୍ରାମବାସୀ ଶାନ୍ତି ଦାସ, ତନୁ ଦାସ, ମଥୁରୀ ଦାସ ଓ ମାନସ ବର୍ଦ୍ଧନ ଆଦିଙ୍କୁ କ୍ଷତି ପୂରଣ ଦେବା ସହ ଗ୍ରାମବାସୀଙ୍କ ବିରୋଧରେ କରାଯାଇଥିବା ସମସ୍ତ କେଶ୍ ପ୍ରତ୍ୟାହାର ପାଇଁ ଆମେ ଦାବି କରୁଛୁ।

# ଜିଲ୍ଲାସ୍ତରୀୟ ବିଶ୍ୱ ମୃତିକା ଦିବସ ପାଳିତ

ଖୋର୍ଦ୍ଧା (ପିଏନ୍)- ଖୋର୍ଦ୍ଧା ସଦର ମହକୁମାର ଉଦ୍ୟାନ କୃଷି ବିଦ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀଙ୍କ ପୌରୋହିତ୍ୟରେ ବିଶ୍ୱ ମୃତିକା ଦିବସ ପାଳିତ ହୋଇ ଯାଇଛି । ଏ ନେଇ ଆୟୋଜିତ ସଭାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚଳିତ ବର୍ଷ ପାଇଁ ଜାତି ସଂଘର ଖାଦ୍ୟ ଓ କୃଷି ସଂସ୍ଥାନର ବାର୍ତା ମାଟିର ଲବଣତା ମୁକ୍ତ ଓ ଉତ୍ପାଦକତା ବୃଦ୍ଧି,ମୃତିକାର ଯତ୍ନ, ରକ୍ଷଣାବେକ୍ଷଣ ଓ ଲବଣତା ହ୍ରାସ ବିଷୟରେ ଅନେକ ତଥ୍ୟ ପ୍ରଦାନ କରିଥିଲେ। ଏତଦବ୍ୟତୀତ ଜୈବିକ ଖତ ଓ ସାର ବ୍ୟବହାର, ବୃକ୍ଷରୋପଣ ଓ ଫସଲ ପର୍ଯ୍ୟାୟ ଅନୁକରଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଚାଷୀ ଭାଇମାନଙ୍କୁ ପାରାଦୀପ ଫସଫେଟ ଲିମିଟେଡ ପକ୍ଷରୁ ଭ୍ରାମ୍ୟମାଣ ମୃତିକା ପରୀକ୍ଷାଗାରରେ ପରୀକ୍ଷା ହୋଇ ମୃତିକା ସ୍ୱାସ୍ଥ୍ୟ କାର୍ଡ ବଂଟନ କରାଯାଇଥିଲା । ଏଥିରେ ମୃତିକା ରସାୟନବିତ୍ ରବୀନ୍ଦ୍ର ନାଥ ପଣ୍ଡା, ସହକାରୀ କୃଷି ନିର୍ଦ୍ଦେଶକ ସଂନ୍ତୋଷ କୁମାର ବିଶ୍ୱାଳ, ସହକାରୀ କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଓ ପଲ୍ଲବୀ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ମହିଳାଙ୍କୁ ଠକିଦେଲା ଭାରତ ଗ୍ୟାସ ଏଜେନ୍ସି

ଯୋଡା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକରେ କେନ୍ଦ୍ର ସରକାରଙ୍କ ଉଜ୍ଜଳା ଯୋଜନା ରେ ଅର୍ନ୍ତଭୁକ୍ତ ଥିବା ହିତାଧିକାରୀଙ୍କୁ ମାସ ମାସ ବିତିଗଲେବି ମିଳୁନି ସିଲିଣ୍ଡର କିମ୍ବା ଚୁଲହା। ଏହି ଯୋଜନାର ମୂଳ ଲକ୍ଷ୍ୟ ଥିଲା ରୋଷେଇ କାର୍ଯ୍ୟରେ ମା ମାନଙ୍କ ଆଖିରୁ ଆଉ ଲୁହ ବାହାରିବ ନାହିଁ ହେଲେ ଏହା କେବଳ କଥାରେ, କାମରେ ନୁହଁ ବୋଲି ଏହା ପ୍ରମାଣ ହେଉଛି ଯୋଡା ବ୍ଲକ କଣ୍ଡରା ଗ୍ରାମରେ। ମିଳିଥିବା ସୂଚନା ଅନୁଯାୟୀ ବଡବିଲର ଏକ ଗ୍ୟାସ ଏଜେନ୍ସି ଚାରିମାସ ତଳେ କଣ୍ଡରା ଗ୍ରାମର କିଛି ଉପଭୋକ୍ତାଙ୍କୁ ଗ୍ୟାସ ଖାତା ଯୋଗାଇ ଦେଇଥିବା ବେଳେ ଆଜିପର୍ଯ୍ୟନ୍ତ ଗ୍ୟାସ କିମ୍ବା ଚୁଲହା ଯୋଗାଇଦେବାର ନାଁ ଧରୁନାହିଁ। ଉକ୍ତ ଗ୍ରାମର ମହିଳାମାନେ ବାରମ୍ୱାର ବଡବିଲ ସ୍ଥିତ ଗ୍ୟାସ ଏଜେନ୍ସି ସହ ଯୋଗାଯୋଗ କରିବା ସହ ଗ୍ୟାସ ଅଫିସ ଦୌଡି ଦୌଡି ନୟାଁ ହେଲେଣି ବୋଲି କହିଛନ୍ତି । ଆମକୁ ଯୋଜନା ନାଁରେ ଖାଲି ଖାତା ଧରାଇ ଭକୁଆ ବନେଇଚାଲିଛି ଗ୍ୟାସ ଏଜେନ୍ସି ବୋଲି ଗ୍ରାମର କିଛି ମହିଳା ଅଭିଯୋଗ କରିଛନ୍ତି । ତେବେ ଜାଳେଣି କାଠର ଅଭାବ ଏବଂ ଅହେତୁକ ମୁଲ୍ୟବୃଦ୍ଧି ହୋଇଥବାରୁ ରୋଷେଇ କାର୍ଯ୍ୟରେ ସମସ୍ୟା ଆସୁଥିବା ନେଇ ସରକାରଙ୍କ ଉଜ୍ଜଳା ଯୋଜନାରେ ସାମିଲ ହୋଇ ଲାଭ ଉଠାଇବାକୁ ଚାହୁଁଥିବା ହିତାଧିକାରୀମାନେ ଏଜେନ୍ସି ର ଅପାରଗ ଏବଂ ଖାମଖିଆଲି ମନୋଭାବ ପାଇଁ ମହିଳାମାନେ ହଇରାଣ ହେବା ସହ ଅସଂନ୍ତୁଷ୍ଟ ପ୍ରକାଶ କରିଛନ୍ତି । ତେବେ ଏଥିନେଇ ବିଭାଗୀୟ ଅଧିକାରୀ ତୁରନ୍ତ ଏହାକୁ ଯାଂଚ କରି ହିତାଧିକାରୀଙ୍କୁ ଗ୍ୟାସ ଓ ଚୁଲହା ଯୋଗାଇଦେବାକୁ ଅନୁରୋଧ କରିଛନ୍ତି।

# ଚତୁର୍ଥ ସ୍ତମ୍ଭ ମାନ୍ୟତା ପାଇଥିବା ସାମ୍ବାଦିକ ଗିରଫଦାରୀକୁ ନିନ୍ଦା

ଖୋର୍ଦ୍ଧା (ପିଏନ୍) ସମ୍ବିଧାନରେ ସାମ୍ବାଦିକ ମାନଙ୍କୁ ୪ର୍ଥ ସ୍ତମ୍ଭର ମାନ୍ୟତା ପ୍ରଦାନ କରାଯାଇଛି। ମାତ୍ର ଦୁଃଖ ଓ ପରିତାପର ବିଷୟ ନିଜ କାର୍ଯ୍ୟକୁ ସୂଚାରୁରୂପେ ସମ୍ପନ୍ନ କଲାବେଳେ ମାଲକାନାଗିରି ଜିଲ୍ଲାର ୫ ଜଣ କାର୍ଯ୍ୟରତ ସାମ୍ବାଦିକଙ୍କ ନାମରେ ମିଥ୍ୟା ମକଦ୍ଦମା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯିବା ଘଟଣାକୁ ଖୋର୍ଦ୍ଧା ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ନିନ୍ଦା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ମନୋଜକୁମାର ପାଢୀଙ୍କୁ ଜିଲା ସଭାପତି ପ୍ରଭାତ ମିଶ୍ର, ମୁଖ୍ୟ ଉପଦେଷ୍ଟା ଉମାଶଙ୍କର ପ୍ରସାଦ, ସମ୍ପାଦକ ସତ୍ୟ ନାରାୟଣ ପାଇକରାୟ, କାର୍ଯ୍ୟକାରୀ ସଭାପତି ଅଜିତ ସାହୁ,କୋଷାଧକ୍ଷ ଶରତ ବାରିକ ପ୍ରମୁଖ ମିଳିତ ଭାବେ ଦାବିପତ୍ର ପ୍ରଦାନ କରଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ତୁରନ୍ତ ଉକ୍ତ ମାମଲାରେ ହସ୍ତକ୍ଷେପ କରି ସାମ୍ବାଦିକମାନଙ୍କ ନାମରେ ରୁଜୁ ହୋଇଥିବା ମିଥ୍ୟା ମୋକଦ୍ଦମା ପ୍ରତ୍ୟାହାର କରିବାକୁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେବାପାଇଁ ଦାବି କରାଯାଇଛି।

# ସ୍ୱାଧୀନତା ସଂଗ୍ରାମର ପ୍ରଥମ ଅମର ଶହୀଦ ଜୟୀ ରାଜଗୁରୁଙ୍କର ୨୧୫ତମ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର (ପିଏନ୍): ବୀରମାଟି ଉତ୍କଳ ଅନେକ ବୀର, ବିପ୍ଲବୀ ଓ ସଂଗ୍ରାମୀ ମାନଙ୍କୁ ଜନ୍ମଦେଇ ଧନ୍ୟା ହୋଇଛି। ଦୁର୍ଦ୍ଧର୍ଷ ଇଂଗ୍ରେଜ ମାନଙ୍କୁ ଖୋର୍ଦ୍ଧା ମାଟିରେ ପ୍ରବେଶ କରିବାର ତୀବ୍ର ବିରୋଧ କରିବାରୁ ଜୟୀ ରାଜଗୁରୁଙ୍କୁ ଯେପରି ଜଘନ୍ୟ ଭାବରେ ଫାଶୀ ଦିଆଯାଇଥିଲା ତାର ପଟାନ୍ତର ସଭ୍ୟ ଜଗତରେ ବିରଳ। ଏହି ଭିତରେ ୨୧୫ ବର୍ଷ ବିତିଯାଇଛି ତଥାପି ଦେଶପ୍ରେମର ସେହି ଅମୀୟ ବିନ୍ଧାଣୀ ଜୟୀ ରାଜଗୁରୁଙ୍କର ସେହି ଲୋମଟାଙ୍କୁରା କାହାଣୀ ଏବେବି ଖୋର୍ଦ୍ଧା ତଥା ସମଗ୍ର ଓଡିଆ ଜାତିପାଇଁ ଏକ ଅପାଶୋରା କାହାଣି ହୋଇ ରହିଯାଇଛି। ୧୮୦୬ ମସିହା ଡିସେମ୍ବର ୬ ତାରିଖରେ ସେହି ଦେଶପ୍ରେମୀ ଜୟୀରାଜଗୁରୁଙ୍କୁ ବ୍ରିଟିଶ ସରକାର ନିର୍ମମ ଭାବରେ ଫାଶୀ ଦେଇଥିଲା ତଥାପି ମା ମାଟି ପାଇଁ ନିଜର ଜୀବନକୁ ହସି ହସି ଉତ୍ସର୍ଗ କରିଥିଲେ ସେହି ଜୟୀ ରାଜଗୁରୁ। ୬୭ ବର୍ଷର ସେହି ଯୁବା ଶରୀରର ରକ୍ତ ମାଟି ଉପରେ ନିଗିଡି ପଡିଥିଲା। ସେହି ଅମରଗାଥାକୁ ଉଦ୍‌ଜୀବିତ କରିବା ପାଇଁ ଖୋର୍ଦ୍ଧ ଐତିହ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ଜୟୀରାଜଗୁରୁଙ୍କ ପ୍ରତିମୂର୍ତିରେ ଐତିହ୍ୟ ପରିଷଦର ସମସ୍ତ ସଭ୍ୟ ସର୍ବଶ୍ରୀ ଉମା ଶଙ୍କର ପ୍ରସାଦ, ପ୍ରଭାତ ମିଶ୍ର, ପ୍ରଭାତ ପାଣିଗ୍ରାହୀ, ରଣଜିତ ସାମନ୍ତରାଏ, ରାକେଶ ସାହୁ, ରାମ ନାରାୟଣ ଦାଶ, ପ୍ରଦୀପ ବେହେରା ପ୍ରମୁଖ ପୁଷ୍ପମାଲ୍ୟ ପ୍ରଦାନକରି ବା ସହ ଜୟୀରାଜଗୁରୁଙ୍କ ଅମର କଥା ଉପରେ ଆଲୋକପାତ କରିଥିଲେ।




# କଂଟିଗଡ଼ିଆ ପଂଚାୟତରେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼ ବଂଟନ



ଚଣ୍ଡିଖୋଲ, (ପି.ଏନ୍):କଂଟିଗଡ଼ିଆ ପଂଚାୟତ କାର୍ଯ୍ୟାଳୟ ପରିସରରେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼ ବଂଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼ ବଂଟନ କରିଛନ୍ତି । ଆୟୋଜିତ ସଭାରେ ଧର୍ମଶାଳା ବ୍ଲକ୍ ଅତିରିକ୍ତ ବିଡ଼ିଓ ଅଧକ୍ଷତା କରିଥିଲେ । ସମ୍ମାନୀତ ଅତିଥି ଭାବେ ଧର୍ମଶାଳା ପଂଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ସମିତି ସଭ୍ୟ ଜଳଧର ମହାନ୍ତି, ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ମହିଳାନେତ୍ରୀ ବିଶ୍ୱ ବନ୍ଦନା ଜେନା, କଂଟିଗଡ଼ିଆ ସରପଂଚ ଶ୍ରୀମତୀ ଅନୁପମା ଦାସ ଯୋଗଦେଇଥିଲେ । ସରପଂଚ ଶ୍ରୀମତୀ ଅନୁପମା ଦାସଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ମହିଳାମାନେ ମୁଖ୍ୟ ଅତିଥିଙ୍କୁ ୫୩ ନମ୍ବର ଜାତୀୟ ରାଜପଥ ଠାରୁ ପୁଷ୍ପମାଲ୍ୟ ଅର୍ପଣ କରି ବାଜା ବାଣ ଫୁଟାଇ ସଭା ମଣ୍ଡପକୁ ପାଛୋଟି ଆଣିଥିଲେ । ପ୍ରାରମ୍ଭରେ ସରପଂଚ ଶ୍ରୀମତୀ ଦାସ ନବୀନ ସରକାରଙ୍କ ଜନ ହିତକର କାର୍ଯ୍ୟ ଓ ସାଧାରଣ ଲୋକଙ୍କ ସେବାରେ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼ ସଂପର୍କରେ ସୂଚନା ଦେଇଥିଲେ । ପଂଚାୟତ ପକ୍ଷରୁ ଅତିଥିମାନଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ସାଧାରଣ ଲୋକଙ୍କ ସେବା କାର୍ଯ୍ୟ ହେଉଛି ମୂଳ ଲକ୍ଷ୍ୟ । ବିଜୁ ବାବୁଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଶାସନ କାଳ ମଧ୍ୟରେ ଗ୍ରାମାଚଂଳରେ ମହିଳାମାନଙ୍କୁ ପ୍ରାଧାନ୍ୟତା ଦେଇଛନ୍ତି । ଗ୍ରାମମାନଙ୍କରେ ଗାଁ କଲ୍ୟାଣ ସମିତି, ଅଙ୍ଗନୱାଡ଼ି କେନ୍ଦ୍ର, ମହିଳାମାନଙ୍କ ଦ୍ୱାରା ସ୍ୱଂୟ ସହାୟିକା ଗୋଷ୍ଠୀ କରାଇ ବ୍ୟାଙ୍କମାନଙ୍କ ଦ୍ୱାରା ଆର୍ଥିକ ସହାୟତା, ୧ ଟଙ୍କିଆ ଚାଉଳ, ପାନୀୟଜଳର ସୁବିଧା, ସମସ୍ତଙ୍କୁ ନୂତନ ପାଇଖାନା ଓ ଗୃହ ନିର୍ମାଣ କରିବା, ସ୍କୁଲମାନଙ୍କରେ ୫ଟିରେ ନୂତନ ଗୃହ ନିର୍ମାଣ କରି ଶିକ୍ଷାରେ ବିକାଶ ଘଟାଇବା ଓ ଗ୍ରାମାଚଂଳରେ ଭାଗବତ ଟୁଙ୍ଗୀ କରି ଆଧାତ୍ମିକ ଭାବ ବଢ଼ାଇବାରେ ମୁଖ୍ୟମନ୍ତ୍ରୀ ଭାରତ ବର୍ଷର ୧ ନମ୍ବର ମୁଖ୍ୟମନ୍ତ୍ରୀ ହୋଇଛନ୍ତି ବୋଲି ମୁଖ୍ୟ ଅତିଥି ବିଧାୟକ ଶ୍ରୀ ବଳବନ୍ତରାୟ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସେଠାରେ ବିଜୁ ସ୍ୱାସ୍ଥ୍ୟସ୍ମାର୍ଟ କାର୍ଡ଼ ବଂଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସରପଂଚ ଉତମ ଦାସ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ଅଲେଖ ସେଠୀ ସମେତ ବହୁ ସଂଖ୍ୟାରେ ମହିଳା ଓ ପୁରୁଷମାନେ ଉପସ୍ଥିତ ଥିଲେ ।

# ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼ ବଂଟନ

ଚଣ୍ଡିଖୋଲ, (ପି.ଏନ୍): ଚଣ୍ଡିଖୋଲ ଛକ ସନ୍ନିକଟ କ୍ଷେତ୍ରପାଳ ପଂଚାୟତ କାର୍ଯ୍ୟାଳୟ ପରିସରରେ ଆଜି ବିଜୁ ସ୍ୱାସ୍ଥ୍ୟସ୍ମାର୍ଟ କାର୍ଡ଼ ବଂଟନ କାର୍ଯ୍ୟକ୍ରମ ହୋଇଯାଇଛି । ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳାର ମାନ୍ୟବର ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ସମ୍ମାନୀତ ଅତିଥି ଭାବେ ଧର୍ମଶାଳା ପଂଚାୟତ ସମିତି ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ପ୍ରାକ୍ତନ ପଂଚାୟତ ସମିତି ଉପାଧକ୍ଷ ଜଳଧର ମହାନ୍ତି, ଧର୍ମଶାଳା ବିଜେଡ଼ି ମହିଳା ନେତ୍ରୀ ବିଶ୍ୱ ବନ୍ଦନା ଜେନା ପ୍ରମୁଖ ଯୋଗ ଦେଇଥିଲେ । ଧର୍ମଶାଳା ବ୍ଲକ୍ ଏବିଡ଼ିଓ ଅସିତ୍ ପାତ୍ର ଆୟୋଜିତ ସଭାରେ ଅଧକ୍ଷତା କରିଥିଲେ । କ୍ଷେତ୍ରପାଳ ସରପଂଚ ଶ୍ରୀମତୀ ଶାନ୍ତିଲତା ସାହୁ ସ୍ୱାଗତ ଭାଷଣ ଦେଇ ବିଧାୟକ ଶ୍ରୀ ବଳବନ୍ତରାୟଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଆଜି ଆମ ଓଡ଼ିଶାର ସାଢ଼େ ତିନି କୋଟି ଜନ ସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ପ୍ରିୟ ମୁଖ୍ୟମନ୍ତ୍ରୀ ଯୋଜନା ପ୍ରସ୍ତୁତ କରିଛନ୍ତି । କ୍ଷେତ୍ରପାଳ ପଂଚାୟତରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ ଏ ସରକାର ସମୟରେ କରାଯାଇଅଛି ଓ ୭୩୬ ପରିବାରକୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼ ବଂଟନ କରାଯିବାକୁ ନିଷ୍ପତି ନିଆଯାଇଛି । ସାଧାରଣ ଲୋକମାନଙ୍କ ଜୀବନକୁ ସୁରକ୍ଷିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଧାରଣ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗୀକୃତ କରି ଦୀର୍ଘ ୨୧ ବର୍ଷ ଧରି ଶାସନ କରୁଛନ୍ତି ବୋଲି ମୁଖ୍ୟ ଅତିଥି ବିଧାୟକ ଶ୍ରୀ ବଳବନ୍ତରାୟ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏଠାରେ ବିଧାୟକ ୨ ଶହ ୩୬ ଜଣ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼ ବଂଟନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ଶ୍ରୀମତୀ ରତ୍ନାପ୍ରଭା ମହାପାତ୍ର, ଯୁବନେତା ପ୍ରସନ୍ନ କୁମାର ରାଉତ, ନିରଞ୍ଜନ ବଳ, ପ୍ରାକ୍ତନ ସରପଂଚ ଅଶୋକ କୁମାର ସାହୁ, ପ୍ରାକ୍ତନ ସମିତି ସଭ୍ୟ ଯତିନ୍ଦ୍ର ମହାପାତ୍ର, ଦେବବ୍ରତ ସାହୁ, ଫକୀର ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉତ୍ସବରେ ୫ ଶହରୁ ଉର୍ଦ୍ଧ୍ୱ ମହିଳା/ପୁରୁଷ ଓ ଯୁବକମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ମୁଖରିତ କରିଥିଲେ ।

## ବଡ଼ଚଣା ବ୍ଲକ୍ କଂଗ୍ରେସ କମିଟିର କର୍ମକର୍ତା ବୈଠକ

ଚଣ୍ଡିଖୋଲ, (ପି.ଏନ୍):ବଡ଼ଚଣା ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ କର୍ମକର୍ତାମାନଙ୍କୁ ନେଇ ଏକ ବୈଠକ ଚଣ୍ଡିଖୋଲ ଛକସ୍ଥିତ ରାଜୀବ ମୋମୋରିଆଲ କଚୁରାଲ ସେଂଟର ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବ୍ଲକ୍ କଂଗ୍ରେସ କମିଟିର ସଭାପତି ଉମେଶ ଚନ୍ଦ୍ର ଜେନା ଅଧକ୍ଷତା କରିଥିଲେ । ବଡ଼ଚଣାର କଂଗ୍ରେସ ନେତା କ୍ୟାପଟେନ୍ ରାଜ ନାରାୟଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆସନ୍ତା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ସଂପର୍କରେ ଆଲୋଚନା କରିଥିଲେ । ବ୍ଲକ୍ କଂଗ୍ରେସ କମିଟିର ସମସ୍ତ କାର୍ଯ୍ୟକର୍ତା ବଡ଼ଚଣାର ୪୩ଟି ପଂଚାୟତକୁ ଯାଇ ସେଠାରେ କଂଗ୍ରେସ ସଂଗଠନ କିପରି ଅଧିକ କ୍ରୀୟାଶିଳ ହୋଇ ପାରିବ ଓ ପଂଚାୟତରେ ସରପଂଚ, ସମିତି ସଭ୍ୟ, ପଂଚାୟତର ୱାର୍ଡ଼ ସଭ୍ୟ ଓ ବଡ଼ଚଣାରୁ ଜିଲା ପରିଷଦ ସଭ୍ୟମାନଙ୍କୁ ଜିତାଇ ପାରିବା ସେ ସଂପର୍କରେ ଆଲୋକପାତ କରିଥିଲେ । ସେଠାରେ ବ୍ଲକ୍ କଂଗ୍ରେସ କମିଟିର ଉପ ସଭାପତି ପ୍ରଦୀପ୍ତ ମହାନ୍ତି, ଦେବେନ୍ଦ୍ର କୁମାର ସାମଲ, ବରଦା ପ୍ରସାଦ ରାୟ, ରାଜ୍ୟ ଯୁବ କଂଗ୍ରେସ ସଂପାଦକ ସୁଦିପ ସାମଲ, ବରିଷ୍ଠ କଂଗ୍ରେସ ନେତା ଖଗେଶ୍ୱର ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବେନ୍ଦ୍ର ନାୟକ, ମାନ ଭଞ୍ଜନ ରାଉତରାୟ, ପ୍ରାକ୍ତନ ସରପଂଚ ଦେବେନ୍ଦ୍ର ସାମଲ, ଧର୍ମରାଜ ମହାନ୍ତି, ଏକାଦଶୀ ସେଠୀ, ଅଶୋକ ସାମ, ହୃଷିକେଶ ସାମଲ ସମେତ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଜିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# କୋଭିଡ ଲକଡାଉନ ସମୟରେ କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ବୁଲା କୁକୁର ଓ ପଶୁଙ୍କୁ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଖାଦ୍ୟ ପ୍ରଦାନ

କେନ୍ଦ୍ରାପଡା, (ପିଏନ)- କୋଭିଡ ଲକଡାଉନ ସମୟରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ ଅନୁଯାଇ ଗତ ଅପ୍ରେଲମାସ ୫ତାରିଖ ଠାରୁ ମଇମାସ ୧୭ତାରିଖ ପର୍ଯ୍ୟନ୍ତ ପୌରାଚଂଳ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ପଶୁମାନଙ୍କୁ ଖାଦ୍ୟ ପ୍ରଦାନ କରାଯାଇଛି । ଏସମ୍ପର୍କରେ ବିଭାଗ ପକ୍ଷରୁ ଗତ ମାର୍ଚ୍ଚମାସ ୩୦ତାରିଖରେ ପତ୍ର ସଂଖ୍ୟା -୮୧୨୧ ପ୍ରାପ୍ତ ହେବା ପରେ ନିର୍ବାହୀ ଅଧିକାରୀ ଏକ ବୈଠକ ଗତ ଅପ୍ରେଲମାସ ୩ତାରିଖରେ ଆହ୍ୱାନ କରିଥିଲେ । ପୌରସଂସ୍ଥା ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡା.ପ୍ରସନ୍ନ କୁମାର ପଟ୍ଟନାୟକ, ପଶୁ ସମ୍ପଦ ବିଭାଗର ଉପନିର୍ଦ୍ଦେଶକ ତଥା ନୋଡାଲ ଅଧିକାରୀ ଡା.ପ୍ରଶନ୍ନ କୁମାର ପରିଡା, ସିଡିଭିଓ କାର୍ଯ୍ୟାଳୟର ଜେ.ଏଫ.ଡି.ଓ. ଶରତ କୁମାର, ପୌରସଂସ୍ଥାର ସି.ଓ. ତପସ୍ୱିନୀ ଦାସ ପ୍ରମୁଖ ଯୋଗଦେଇଥିଲେ । ଏହି ବୈଠକର ନିଷ୍ପତି ଅନୁଯାଇ ଗତ ଅପ୍ରେଲମାସ ୫ତାରିଖରୁ ମଇମାସ ୧୭ତାରିଖ ମଧ୍ୟରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ କେନ୍ଦ୍ରାପଡା ସହରର ଜୟ ଶ୍ରୀରାମ ରାମଲିଳା କମିଟିକୁ ତିନିମୁହାଣି ଛକରେ ଖାଦ୍ୟ ପ୍ରଦାନ ପାଇଁ ୨୧ହଜାର ଟଙ୍କା, ପିପୁଲସ ଫର ଆନିମଲସ ଅନୁଷ୍ଠାନକୁ ସହରର ବିଭିନ୍ନ ସ୍ଥାନରେ ବୁଲା କୁକୁର ଓ ବୁଲା ପଶୁମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ ୧ଲକ୍ଷ ୫୪ହଜାର ୫୬୦ଟଙ୍କା ଓ କେନ୍ଦ୍ରାପଡା ସିଡିଭିଓଙ୍କୁ ୯ହଜାର ୪୪୦ଟଙ୍କାର ଗୋଖାଦ୍ୟ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ପୌରସଂସ୍ଥାକୁ ୨ଟି କିସ୍ତିରେ ଏହି କାର୍ଯ୍ୟ ନିମନ୍ତେ ମୋଟ ୧ଲକ୍ଷ ୮୫ହଜାର ଟଙ୍କା ସରକାରୀ ଅନୁଦାନ ମିଳିଥିବା ବେଳେ ଉପରୋକ୍ତ ୨ଟି ଅନୁଷ୍ଠାନ ଓ ସିଡିଭିଓଙ୍କୁ ସେହି ଅନୁଦାନ ଅର୍ଥ ଓ ଗୋଖାଦ୍ୟ ପ୍ରଦାନ କରାଯାଇଥିବା ପୌରନିର୍ବାହୀ ଅଧିକାରୀ ଶ୍ରୀ ବଳ ସୂଚନା ଦେଇଛନ୍ତି ।

# ଓଡିଆ ଜାତିର ଗୌରବ ପଠାଣୀ ସାମନ୍ତ

ଶ୍ରୀମତୀ କବିତା ମିଶ୍ର

ଓଡିଆ ମାଟିର ଯେଉଁ ମହାପୁରୁଷଙ୍କର ଆଲୌକିକ ପ୍ରତିଭା ସଦର୍ଶନରେ ସାରା ପୃଥିବୀ ବିସ୍ମିତ ଏବଂ ଗୌରବାନିତ ହୋଇଥିଲା, ସେହି ଚନ୍ଦ୍ରଶେଖର ସାମନ୍ତ, ଅନ୍ଧାରୀ ମୂଳକ ଘୋର ଅରଣ୍ୟ ଆଚ୍ଛାଦିତ କ୍ଷୁଦ୍ର ଗଡଜାତ ପ୍ରଦେଶରେ ୧୮୩୫ ମସିହା (ଶକାବ୍ଦ ୧୭୫୭) ପୌଷମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି ବିଛା ୨୯ ଦିନରେ ମାତା ବିଷ୍ଣୁମାଳୀ ଏବଂପିତା ଶ୍ୟାମବନ୍ଧୁଙ୍କ କୋଳ ଅଳଂକୃତ କରି ଧରାବତରଣ କରଥିଲେ । ପୂର୍ବରୁ ତିନୋଟି ଶିଶୁବାହୁଡିଥିବାରୁ ତାଙ୍କ ମାତୃ ହୃଦୟ ସଂତାନ ଲାଗି ବ୍ୟାକୁଳ । ପଠାଣ କେଳାର ନାମ ଶୁଣିହଠାତ୍ ତାଙ୍କର ସାମାଜିକ ପ୍ରଥା ମନେ ପଡିଲା । ତେଣୁ ପୁତ୍ରଟିକୁ କେଳାକୁ ଦଶ ପାହୁଲା ବିନିମୟରେ ବିକ୍ରୟ କଲେ । ସେହିଦିନୁ ଯମ ନ ଛୁଇଁବା ଲାଗି ଶିଶୁଟିର ଅପ.......ଣି ନାମରଖାଗଲା "ପଠାଣି" । ମହାଦେବଙ୍କ ଆଶ୍ରୀର୍ବାଦରୁ ଲାଭ କରିଥିବାରୁ ପିତା ଶ୍ୟାମବଂଧ ସଂତାନଟିର ଜାତକ ନାମ ରଖିଲେ ଚନ୍ଦ୍ରଶେଖର ।ତୁଳସୀ ଦୁଇ ପତ୍ରରୁ ବାସିଲା ପରି ଭବିଷ୍ୟତରେ ଏହି କ୍ଷୀଣକାର ଶିଶୁ ଜଣେଅସାଧାରଣ ଜ୍ୟୋର୍ତିବିଦ୍ ପଣ୍ଡିତ ହେବ ତାହା ପ୍ରାଥମିକ ଅବସ୍ଥାରୁ ପ୍ରତୀୟମାନହେଇଥିଲା । ପ୍ରତ୍ୟହ ଖେଳିବା ଅବସ୍ଥାରେ ସୂର୍ଯ୍ୟ କରିରଣରେ ଛାୟାର ମାପ ରଖି କେତେନିଃଶ୍ୱାସରେ ତାହା ଏକ ସ୍ଥାନରୁ ସ୍ଥାନାନ୍ତରକୁ ଯାଉଅଛି ତାହାର ହିସାବ ରଖିବା,ଆକାଶରେ ପକ୍ଷୀ ଉଡିବା ସମୟରେ ଗୋଟି ଗୋଟି କରି ଗଣିବା ଇତ୍ୟାଦି କାର୍ଯ୍ୟଦ୍ୱାରାସମୟ ଅତିବାହିତ କରିବା, ପଠାଣିଙ୍କର ଦୈନଦିନ ଅଭ୍ୟାସ ଥିଲା । ମାତ୍ର ପା.. ବର୍ଷବୟସରେ ପଠାଣି ଦିନବେଳେ ଆକାଶରେ କୁଆଁତାରା (ଶୁକ୍ରଗ୍ରହକୁ) ଦେଖି ସାଙ୍ଗମାନଙ୍କୁଡାକି ଦେଖାଇଥିଲେ । ପ୍ରତିଦିନ ସକାଳେ ମଧ୍ୟାହ୍ନରେ ଓ ଅପରାହ୍ନରେ ବୃକ୍ଷମାନଙ୍କ ଛାୟାମାପି ଥରକୁ ଥର ଟିକିନିଖି ହିସାବ ର୍ଲିବନ୍ଧ କରୁଥିଲେ । ନଅ ବର୍ଷ ବୟସରେ ପିତାଙ୍କ ଠାରୁନକ୍ଷତ୍ର ପରିଚୟ ଆରମ୍ଭ କରିବା ସଙ୍ଗେ ସଙ୍ଗେ ସଂସ୍କୃତ ଶିକ୍ଷା ଅଧ୍ୟୟନ କରିଥିଲେ । ଗୁରୁଙ୍କଠାରୁ ରଘୁବଂଶ, କୁମାର ସମ୍ଭବ, ମେଘଦୂତ, ମହାକାବ୍ୟମାନ ଶିକ୍ଷାକରି ସାରିବା ପରେକାଳିଦାସ କୃତ ସମସ୍ତ କାବ୍ୟ, ଯଥା- ମଘାଙ୍କ ଶିଶୁ ।ଳ ବଧ, ଉ..ର ରାମଚରିତ, ଶିବଶତକ, ସୂର୍ଯ୍ୟ ଶତକ, ଗୀତ ଗୋବିନ୍ଦ, ଶ୍ରୀମଦ୍ ଭାଗବତ ପ୍ରଭୃତି ବହୁକାବ୍ୟ ଅଧ୍ୟୟନକରିବା ସଙ୍ଗେ ସଙ୍ଗେ ନୌଷଧ ପ୍ରଭୃତି ବହୁ କାବ୍ୟର ଶ୍ଳୋକ ସମୂହ ମୁଖସ୍ତ କରିଥିଲେ । ତାଙ୍କର ସ୍ମରଣ ଶକ୍ତି ଏତେ ପ୍ରଖର ଥିଲା ଯେ, ଯେଉଁ କାବ୍ୟ କବିତା ପୋଥିରୁ ଥରେପଢୁଥିଲେ ତାହା ମନରେ ମୁଖସ୍ତ କରି ରଖୁଥିଲେ । ଜ୍ୟୋତିଷ ଶାସ୍ତ୍ର ବିଶେଷତଃ ପଞ୍ଜିକାନିର୍ମାଣ ସମୟରେ ସ୍ମୃତିର ଆବଶ୍ୟକତା ଅଧିକ ଥିଲା । ତେଣୁ ଚନ୍ଦ୍ରଶେଖରଙ୍କ ସଦୃଶତୀକ୍ଷ୍ଣଦୃଷ୍ଟି ଧୀସଂପର୍ଣ୍ଣ ପଣ୍ଡିତ ଆଜି ପର୍ଯ୍ୟନ୍ତ ଭାରତରେ କେହି ନାହାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।ଚନ୍ଦ୍ରଶେଖର ବାରବର୍ଷ ବୟସରେ ବାଉଁଶ ଖଡିକା ସାହାଯ୍ୟରେ ଭୂଗୋଳ ସହିତଖଗୋଳ ଯନ୍ତ୍ର ନିର୍ମାଣ କରି ସେହି କାର୍ଯ୍ୟରେ ଅହର୍ନିଶି ଲାଗି ପଡିଥିଲେ, ଏବଂ ପାଟି ଗଣିତଓ ବୀଜ ଗଣିତକୁ ନିଜର ବୁଦ୍ଧିମତା ବଳରେ ଆୟ..କରି, ତେର ବର୍ଷ ବୟସରେ ଦିବସରେଛାୟା ମାପିବା ଓ ରାତ୍ରରେ ଆକାଶରେ ତାରାମାନଙ୍କର ଦୂରତା ପ୍ରଭୃତି ମାପିବାରେକାଳତି ।ତ କରଥୁଲେ । ତାପରେ ସ୍ୱକଳ୍ପିତ 'ମାନଯନ୍ତ୍ର' ନାମକ ଦୁଇଖଣ୍ଡ କାଠି ଓ ବହୁ କକ୍ଷଯନ୍ତ୍ର ନିର୍ମାଣ କରି ୧୪ ବର୍ଷରୁ ୩୪ ବର୍ଷ ବୟସ ପର୍ଯ୍ୟନ୍ତ ଦୀର୍ଘ ୨୦ ବର୍ଷ କାଳ ଆକାଶରସମସ୍ତ ତଥ୍ୟ ଅଭିଜ୍ଞ କରି "ସିଦ୍ଧାନ୍ତ ଦର୍ପଣ" ଗ୍ରନ୍ଥ ପ୍ରଣୟନ କଲେ । ପଠାଣି ସାମନ୍ତଙ୍କସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥ ସମାଜ ଉପରେ ବହୁତ ପ୍ରଭାବ ପକାଇଛି । କେବେଳ ଭାରତ ନୁହେଁ,ଇଂଲଣ୍ଡ, ଆମେରିକା, ଜର୍ମାନ ପ୍ରଭୃତି ଦେଶରେ ମଧ୍ୟ ଆଦୃତି ଲାଭ କରିଥିଲା ।ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାୟ ପଠାଣି ସାମନ୍ତଙ୍କୁ ଡାକି "ସିଦ୍ଧାନ୍ତଦର୍ପଣ"ର ତର୍ଜମା କରି ସର୍ବସାଧାରଣଙ୍କୁ ଏହି ଗ୍ରନ୍ଥର ମହାତ୍ମ୍ୟ ଜଣାଇଥିଲେ । ତେଣୁବ୍ରିଟିଶ୍ ସରକାର ତାଙ୍କୁ "ମହାମହୋପଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ । ଗଜପତିରାଜା ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ । ତେଣୁ ତାଙ୍କ ନାମହେଲା, ମହାମହୋପଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ ।ସିଦ୍ଧାନ୍ତ ଦର୍ପଣ ବ୍ୟତୀତ ଉତ୍କଳ ଭାଷାରେ "ଦର୍ପଣ ସାର" ଏବଂ ସଂସ୍କୃତ ଭାଷାରେ"ଦର୍ପ ଦୀପିକା" ନାମକ ଦୁଇଟି ଗ୍ରନ୍ଥ ସେ ପ୍ରଣୟନ କରିଥିଲେ । ଏହି ଗ୍ରନ୍ଥ ଦୁଇଟିରେଜ୍ୟୋତିଷ ଶାସ୍ତ୍ର ଓ ସ୍ମୃତି ଶାସ୍ତ୍ର ସମ୍ବନ୍ଧୀୟ ବହୁ ତଥ୍ୟ ନିହିତ ଅଛି । ପାଣ୍ଡିତ୍ୟ, ସ୍ମରଣ ଶକ୍ତି,ଧର୍ମନିଷ୍ଠା, କ....ବ୍ୟ ପରାୟଣତା, ଦୟା, ସେବା, କ୍ଷମା, ଧୌର୍ଯ୍ୟ, କଷ୍ଟ ସହିଷ୍ଣୁତା, ବିନୟଓ ନିର୍ଭୀକତା ଆଦି ସମସ୍ତ ଲକ୍ଷଣ ସାମନ୍ତଙ୍କ ଠାରେ ବିଦ୍ୟମାନ ରହିଥିବାରୁ, ସେ ସମସ୍ତଙ୍କପାଖରେ ସୁବର୍ଣ୍ଣ ପୁଷ୍ପରେ ସୁବାସ ଥିବା ପରି ବୋଧ ହେଉଥିଲେ । ଖଣ୍ଡପଡା ରାଜବଂଶରେଜନ୍ମ ଗ୍ରହଣ କରି ସେହି ଅରଣ୍ୟମୟ ରାଜ୍ୟରେ ଶିକ୍ଷା ଲାଭ କରି ସ୍ୱୀୟ ଅସାଧାରଣ ବୁଦ୍ଧି ଓଅଧ୍ୟବସାୟ ବଳରେ ଜଟିଳ ଜ୍ୟୋତିଷ ବିଦ୍ୟାରେ ଯେଉଁ ପ୍ରକାର ପାରଦର୍ଶୀତା ଲାଭକରିଥିଲେ ତାହା କଳ୍ପନାର ବାହାରେ ।ବାସ୍ତବିକ୍ ପଠାଣି ସାମନ୍ତ ଉତ୍କଳର ଚନ୍ଦ୍ର ଥିଲେ ଏବଂ ନିଜ ଗୁଣରେ ଜଗତକୁଆଲୋକିତ କରଥିଲେ । ସେହି ମହାନ୍ ପୁରୁଷ ୧୯୦୪ ମସିହା ଜୁନ୍ ୧୮ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଦିନ ଶ୍ରୀପୁରୁଷୋ..ମ କ୍ଷେତ୍ରରେ ସ୍ୱର୍ଗାରୋହଣ କରିଥିଲେ ମଧ୍ୟ,ତାଙ୍କର କଠୋର ସାଧନା ଜ୍ୟୋତିଷ ଶାସ୍ତ୍ର ଏବଂ "ସିଦ୍ଧାନ୍ତ ଦର୍ପଣ" ସମଗ୍ର ବିଶ୍ୱଦରବାରରେ ତାଙ୍କୁ କାଳଜୟୀ କରି ପରିଛି ।

ଯାହା କବିବର ରାଧାନାଥ ରାୟଙ୍କ ଲେଖନୀରୁ ଝରି ଡିଛି —

"ମାତ୍ର ଉତ୍କଳର ଦର୍ପ ଚିତ୍ ପ୍ରସୂତି
ଜ୍ୟୋତଷ୍କି ଦର୍ପଣ ଦରଦି୍ର କୃତି
"ସିଦ୍ଧାନ୍ତ ଦର୍ପଣ" ହେବନାହିଁ ଲୟ
ନର ଦେହେ ଥିବ ଯାବତ ହୃଦୟ"

*ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ*
*ସେକ୍ଟର-୩/୫୫, ନୀଳାଦ୍ରି ବିହାର*
*ଭୁବନେଶ୍ୱର-୨୧*
*ମୋ ;୯୯୩୭୦୩୩୭୫୦*




2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Wednesday December 22, 2021 ଭୁବନେଶ୍ୱର ବୁଧବାର, ଡିସେମ୍ବର ୨୨,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# ପ୍ରି-ଖ୍ରୀଷ୍ଟମାସ ମହୋତ୍ସବ ଗାନିଙ୍ଗିଆଠାରେ ପାଳିତ




ଫୁଲବାଣୀ:କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଳକ ସମ୍ମିଳନୀ ପକ୍ଷରୁ ଗାନିଙ୍ଗିଆ ଠାରେ ପ୍ରି-ଖ୍ରୀଷ୍ଟମାସ ପର୍ବ ପାଳନ କରାଯାଇଅଛି ।ଏହି ଉତ୍ସବ ରେ ଫିରିଙ୍ଗିଆ ର ଖ୍ରୀଷ୍ଟପ୍ରେମୀ ଓ ବିଭିନ୍ନ ମଣ୍ଡଳୀର ବିଶ୍ୱାସୀ ମାନେ ପାଖାପାଖି ତିନିଶହ ରୁ ଉର୍ଦ୍ଧ ଲୋକ ଯୋଗ ଦେଇ ଖ୍ରୀଷ୍ଟ ଜନ୍ମ ମହୋତ୍ସବ ପାଳନ କରିଥିଲେ ।ସଭା ଆରମ୍ଭ ରେ ପାଳକ ମାଥିଉ ଦିଗାଲ ପ୍ରାରମ୍ଭିକ ପ୍ରାର୍ଥନା କରି ସଭାପରିଚ଼ାଳନା କରିଥିଲେ ।ପାଳକ ସମ୍ମିଳନୀର ସଭାପତି ଫାଦର ଜୁନସ ଦିଗାଲ,ମୁଖ ଅତିଥି ତଥା ଜାଗ୍ରତ କନ୍ଧମାଳ ର ପ୍ରତିଷ୍ଠାତା ସତ୍ୟନାରାୟଣ ବେହେରା ଙ୍କୁ ପ୍ରଦୀପ ପ୍ରଜ୍ୱଳନ ସହ କେକ କାଟିବା ପାଇଁ ଅନୁରୋଧ କରିଥିଲେ । ମିରାକିଲ ଉପାସନା ସଙ୍ଗୀତ ଦଳ ସଙ୍ଗୀତ ପରିବେଷଣ କରି ଲୋକଙ୍କୁ ଆକର୍ଷଣ କରିବାସହ ନାଚ଼ଗୀତ ସହ ପବିତ୍ର ଆତ୍ମାଙ୍କ ଉପସ୍ଥିତି କୁ କଇ ନେଇଥିବା ଦେଖିବାକୁ ମିଳିଥିଲା ।ମୁଖ୍ୟ ବକ୍ତା ଭାବେ ଆଚାର୍ଯ୍ୟ. ସୂର୍ଯ୍ୟ ନାରାୟଣ ବେହେରା ପ୍ରଭୂ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ର ଉଦେଶ୍ୟ ସମସ୍ତ ମାନବ ଜାତି କୁ ପରିତ୍ରାଣ ଦେବା , ସମସ୍ତଙ୍କୁ ପ୍ରେମ, ଶାନ୍ତି ଦେବା ନିମନ୍ତେ ପ୍ରଭୁ ଯୀଶୁ ଦେହବନ୍ତ ହୋଇ ଜଗତ କୁ ଆସିଥିଲେ ବୋଲି ପ୍ରଚ଼ାର କରିଥିଲେ। ଲୋକମାନେ ଆନନ୍ଦ ଉଲ୍ଲାସର ସହ ଖ୍ରୀଷ୍ଟ ଜନ୍ମ ମହୋତ୍ସବ ପାଳନ କରିଥିଲେ ।ପୂର୍ବତନ ବିଧାୟକ ଦୁଗୁନି କଂହର, ବରିଷ୍ଠ ସାମ୍ବାଦିକ ରମେଶ ଚ଼ନ୍ଦ୍ର ପ୍ରଧାନ କାନ୍ଧଗୌଡ଼ ସମାଜ ସଭାପତି ପ୍ରେମାନନ୍ଦ ମାଝୀ,ସାଂସଦ ପ୍ରତିନିଧି ବିଷ୍ଣୁ ମଳିକ ସଂମାନିତ ଅତିଥି ଭାବେ ଯୋଗଦେଇଥିଲେ ।ସଙ୍ଗୀତ ଦଳ ର ମୁଖ୍ୟ ସୁନୀଲ ବେହେରା, ସିଧାନ୍ତ ,ବରୁଣ ମଳିକ ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବବଲି ,ବବୁଲୁ, ଶ୍ରୀୟା, ମାମୁନି ,ଅନୀଲ,ରୁତ,ବର୍ଷା, ସ୍ନେହଲତା, ଜ୍ୟୋତି, ଆଶିଷ ସାହାଣୀ, କାଳିଆ, ଉତ୍ତମ ଓ ପାଳକ ବନମାଳୀ ଦିଗାଲ ସୁନ୍ଦର ଭାବରେ ସୁନ୍ଦର ଭାବେ ପରିଚ଼ାଳନା କରିଥିଲେ। ପାଳକ ସମ୍ମିଳନୀ ର ପରାମର୍ଶ ଦାତା ଯୋହନ ଦିଗାଲ,ସୁରତ ଦିଗାଲ,ସହ ଅନ୍ୟାନ୍ୟ ପାଳକ ମାନେ ଉପସ୍ଥିତ ଥିଲେ ଓ ଶେଷରେ ପାଳକ ଉମେଶ ଦିଗାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ପତନୀବର ରେନବୋ କ୍ରିକେଟ କ୍ଲବ,କୁମାରବସ୍ତ ବିଜୟୀ

ଖୋର୍ଦ୍ଧା, (ପିଏନ):ବେଗୁନିଆ ବ୍ଲକ ସାରୁଅ ପଂଚାୟତ ଅନ୍ତର୍ଗତ ପତନୀବର ଗ୍ରାମର ରେନବୋ କ୍ରିକେଟ କ୍ଲବର ୨୮ ତମ ଟୁର୍ଣ୍ଣାମେଟର ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଆଜିର ମ୍ୟାଚରେ କାଇପଦର କ୍ରିକେଟ କ୍ଲବ ଓ କୁମାରବସ୍ତ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଖେଳରେ କାଇପଦର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟ ବିନିମୟରେ ୨୦୪ ରନ ସଂଗ୍ରହ ସଂଗ୍ରହ କରିଥିଲା । ତାର ପ୍ରତି ଜବାବରେ କୁମାରବସ୍ତ କ୍ରିକେଟ କ୍ଲବ ବିଜୟ ଲକ୍ଷ୍ୟରେ ବ୍ୟାଟିଂ କରି ୨୧୦ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା । ଖେଳକୁ ଭାଗିରଥି ବେହେରା ଓ ବିନୟ ପାଇକରାୟ ପରିଚାଳନା କରିଥିବା ବେଳେ ଶୁଭେନ୍ଦୁ ପାଇକରାୟ ସ୍କୋରର ଭାବେ ରହିଥିଲେ ।

## ଅସହାୟ ପରିବାରକୁ ଆର୍ଥିକ ସହାୟତା

ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମର ସ୍ୱର୍ଗତ ଅଚ୍ଛୁ ମହାପାତ୍ରଙ୍କ ଧର୍ମପତ୍ନୀ ସୁକାନ୍ତି ମହାପାତ୍ରଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏଥିରେ ସମାଜସେବିକା ପ୍ରତିମା ପ୍ରଧାନ,ବିଦ୍ୟୁତ ବିଭାଗ ଯନ୍ତ୍ରୀ ବନ ବିହାରୀ ମଙ୍ଗରାଜ,ରାମଚନ୍ଦ୍ର ସାହୁ , ସ୍ଥାନୀୟ ସରପଂଚ ଶିବ ପ୍ରସାଦ ଦାସ,ସମାଜସେବୀ ବିମ୍ବାଧର ମହାରଣା, ଲଳିତ ନାରାୟଣ ନାଗ,ସଦାଶିବ ମହାରଣା,ଲକ୍ଷ୍ମୀଧର ମହାରଣା,ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ମହିଳା ମହାବିଦ୍ୟାଳୟରେ+୨ ଓ +୩ ଶ୍ରେଣୀରେ ବିଜ୍ଞାନ ବିଭାଗ ଖୋଲିବା ନିମନ୍ତେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଦାବୀପତ୍ର

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ସଦର ମହକୁମାରେ ୪୧ ବର୍ଷ ପୂର୍ବରୁ ସ୍ଥାପିତ ହୋଇଥିବା ମହିଳା ମହାବିଦ୍ୟାଳୟରେ +୨ ଓ +୩ ଶ୍ରେଣୀରେ ବିଜ୍ଞାନ ବିଭାଗ ଖୋଲିବା ନିମନ୍ତେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଉ ଥିଙ୍କିଙ୍ଗ ଫୋରମ ପକ୍ଷରୁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି ।ପ୍ରକାଶ ଥାଉକି ସଦର ମହକୁମାରେ ଦୁଇଗୋଟି ମହାବିଦ୍ୟାଳୟ ଯଥା ପ୍ରାଣନାଥ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ ଅବସ୍ଥିତ ।ପ୍ରାଣନାଥ ମହାବିଦ୍ୟାଳୟ ଓଡିଶାର ଏକ ଖ୍ୟାତନାମା ଶିକ୍ଷାନୁଷ୍ଠାନ ହୋଇଥିବାରୁ ସମସ୍ତ ଛାତ୍ରଛାତ୍ରୀ ମାନେ ଏଠାରେ ପଢିବାକୁ ସର୍ବପ୍ରଥମେ ପ୍ରାଥମିକତା ଦେଇଥାଆନ୍ତି ।ଏହି ଅଂଚଳରେ ଉତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀମାନେ ବିଜ୍ଞାନ ବିଭାଗର ପାଠ ପଢିବାରୁ ବଂଚିତ ହୋଇଥାନ୍ତି । ଅନ୍ୟ ପକ୍ଷରେ ବିଗତ ୪୧ ବର୍ଷ ଧରି ଏଠାରେ ମହିଳା ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲେ ମଧ୍ୟ ଦୀପ ତଳ ଅନ୍ଧାର ଭଳି ଶିକ୍ଷା ବିଭାଗର ଅଗୋଚରରେ ରହିଥିବାରୁ ସମସ୍ତଙ୍କ ମନରେ ବିସ୍ମୟ ସୃଷ୍ଟି କରିଛି ।ଏହି ମହାବିଦ୍ୟାଳୟରେ ୪୧ ତମ ସାମ୍ବତ୍ସରିକ ଉତ୍ସବରେ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତିଥି ଭାବେ ଯୋଗ ଦେଇ ବିଜ୍ଞାନ ଶ୍ରେଣୀ ଖୋଲିବା ନିମନ୍ତେ ପ୍ରତିଶୃତି ଦେଇଥିଲେ ମଧ୍ୟ ତହା ଆଜି ଯାଏଁ ଖୋଲିବାକୁ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରୁ ନାହିଁ । ଏ ନେଇ ଫୋରମର ସଭାପତି ନରେନ୍ଦ୍ର କୁମାର ପୃଷ୍ଟିଙ୍କ ଆବାହକତ୍ୱରେ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି,କଲେଜର ପ୍ରତିଷ୍ଠାତା ସମ୍ପାଦକ କାଳୀ ପ୍ରସାଦ ମଙ୍ଗରାଜ, ଅଧ୍ୟାପକ ଗୋପାଳ ଦାସ, ଆଇନଜୀବୀ ବିଚିତ୍ର ବଡଜେନା,ଶିଶିର କୁମାର ପରିଡା, ଓକିଲ ସଂଘ ସଭାପତି ଅଜିତ ପଟ୍ଟନାୟକ, ଐତିହାସିକ ଡଃ ନାରାୟଣ ରାଓସମାଜସେବୀ ସଞ୍ଜୟ ପଟ୍ଟନାୟକ ଓ ଡଃ ବୃନ୍ଦାବନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଦାବୀପତ୍ର ପ୍ରଦାନ କରିଥିଲେ ।

## ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ମହିଳାଙ୍କ ଆତ୍ମାହୂତି ଉଦ୍ୟମ ଘଟଣା, ମାମଲା ରୁଜୁ କଲା ପୁଲିସ

ଧର୍ମଶାଳା, (ପିଏନ୍): ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ମହିଳାଙ୍କ ଆତ୍ମାହୂତି ଉଦ୍ୟମ ଘଟଣା। ସଂପୃକ୍ତ ମହିଳା ନିଜେ ଆତ୍ମହତ୍ୟା ପାଇଁ ଉଦ୍ୟମ କରିବା ସହ ତହସିଲଦାରଙ୍କୁ ହତ୍ୟା ଉଦ୍ୟମ କରିଥିଲେ ବୋଲି ଥାନାରେ ଅଭିଯୋଗ ହୋଇଛି । ଏନେଇ ଧର୍ମଶାଳା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ସୋମବାର ମଧ୍ୟାହ୍ନରେ ଧର୍ମଶାଳା ଥାନା ନେଉଳପୁର ଗ୍ରାମର ଅକ୍ଷୟ ରାଉତଙ୍କ ପତ୍ନୀ ଅନିମା ରାଉତ ଧର୍ମଶାଳା ତହସିଲଦାରଙ୍କ ପ୍ରକୋଷ୍ଠରେ ସମସ୍ତଙ୍କ ଉପସ୍ଥିତିରେ ନିଜ ଉପରେ ପେଟ୍ରୋଲ ଢାଳି ଆତ୍ମାହୂତି ଦେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପାଖରେ ଥିବା ତହସିଲ କର୍ମଚାରୀ ଓ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ଚକ ଭୁକ୍ତ ଜମି ବିକ୍ରି ପାଇଁ ତହସିଲଦାରଙ୍କ ନିକଟରେ ଆବେଦନ କରିବା ସହ ବାରମ୍ବାର ତହସିଲ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଦୌଡି ଦୌଡି ନିରାଶ ହେବା ପରେ ମହିଳା ଜଣକ ବାଧ୍ୟ ହୋଇ ଏଭଳି ଚରମ ପଦକ୍ଷେପ ନେଇଥିବା କହିଥିଲେ।

## ଚ଼ଣ୍ଡିଖୋଲ ଟ୍ରାଫିକ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଆଇନଜୀବି ରୁଜୁ କଲେ ଧର୍ଷଣ ଅପରାଧିକ ମାମଲା: ୨୮ରେ ହାଜର ପାଇଁ ତଲବ କଲେ ଜେଏମଏଫସି କୋର୍ଟ !

ଚ଼ଣ୍ଡିଖୋଲ,(ପି ଏନ୍) : ବିନା କୌଣସି ଟ୍ରାଫିକ ନିୟମ ଖିଲାଫ ସତ୍ତ୍ୱ ? ଚ଼ଣ୍ଡିଖୋଲ ଅଞ୍ଚଳର ଜଣେ ଜଣାଶୁଣା ଆଇନଜୀବୀ ତଥା ବୁଦ୍ଧିଜୀବିଙ୍କ କାର ଉପରେ ମୋଟା ଅଙ୍କର ଚ଼ାଲାଣ କାଟିବାର ଡ଼ର ଦେଖାଇ ଦିନ ଦ୍ୱିପହରେ ତାଙ୍କୁ ଦଶହରା ଖର୍ଚ୍ଚ ପାଇଁ ଏକ ହଜାର ଟଙ୍କା ବଟି ମାଗିବା ଏବଂ ପ୍ରତିବାଦ କରିବାରୁ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ତାଙ୍କୁ ଆର୍ଥିକ କ୍ଷତି ପହଞ୍ଚାଇବା ପାଇଁ ଚ଼ଞ୍ଚକତାପୂର୍ଣ୍ଣ ଆରୋପ ଲଗାଇ ଅନଲାଇନ୍ ଚ଼ାଲାଣ କରି ତାଙ୍କ ସାମାଜିକ ପତିଆରା ହାନି କରିବା ଘଟଣା ଚ଼ଣ୍ଡିଖୋଲ ଟ୍ରାଫିକ ଥାନା ଅଧିକାରୀଙ୍କୁ ଏବେ ମହଙ୍ଗା ସାବ୍ୟସ୍ତ ହେବାକୁ ଯାଉଛି । ଏଥିନେଇ ସମ୍ପୃକ୍ତ ଆଇନଜୀବି ଚ଼ଣ୍ଡିଖୋଲ ଜେଏମଏଫସି କୋର୍ଟରେ ଏକ ଅଭିଯୋଗ ଫର୍ଦ୍ଦ (ମାମଲା ସଂଖ୍ୟା ୨୪୭/୨୦୨୧) ଦାଖଲ କରିବା ପରେ ଅଭିଯୋଗକାରୀ ଓ ଅନ୍ୟ ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଆଧାର କରି ଜେଏମଏଫସି ସୌମ୍ୟରଞ୍ଜନ ପୃଷ୍ଟି ଟ୍ରାଫିକ ଆଇଆଇସି ହୃଦାନନ୍ଦ ବେହେରା ଏବଂ ତାଙ୍କ ଦୁଇ ସହଯୋଗୀ କନଷ୍ଟେବଲଙ୍କ ବିରୁଦ୍ଧରେ ଆଇପିସିର ଧର୍ଷଣ ଅପରାଧ ଧାରା ୩୮୫/ ୨୯୪/ ୨୧୧/୪୧୮/୪୬୯/ ୩୪ରେ ଏକ ବିଚ଼ାରଯୋଗ୍ୟ ମାମଲା ଭାବେ ସଂଜ୍ଞାନକୁ ନେଇ ଆସନ୍ତା ୨୮ତାରିଖ ଦିନ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାକୁ ଆଇଆଇସିଙ୍କୁ ସମନ୍ ଜାରି କରିଛନ୍ତି । ଅଭିଯୋଗକାରୀ ଆଇନଜୀବୀ ଉଦୟନାଥ ସାହୁଙ୍କ ଅଭିଯୋଗ ଅନୁଯାୟୀ ଗତ ଅକ୍ଟୋବର ମାସ ୧୨ତାରିଖ ଅପରାହ୍ନ ୨.୨୦ରେ ତାଙ୍କ କାରକୁ ଚ଼ଣ୍ଡିଖୋଲ ଟ୍ରାଫିକ ଛକ ନିକଟ ସର୍ଭିସ୍ ରୋଡ଼ ବାମ ପାର୍ଶ୍ୱରେ ପାର୍କିଂ କରି ନିକଟସ୍ଥ ଏକ ଦୋକାନକୁ ଯାଇଥିବା ସମୟରେ ଚ଼ଣ୍ଡିଖୋଲ ଟ୍ରାଫିକ ଥାନାର ଦୁଇ କନଷ୍ଟେବଲ ତାଙ୍କ ବିନା ଅନୁମତିରେ ସେହି କାରର ଆଗ ଓ ପଛର ଫଟୋ ଉଠାଇବା ଦେଖି ସେ ଓ ତାଙ୍କ ସହ ଥିବା ଚ଼ଣ୍ଡିଖୋଲ ନୋଟାରୀ ରମେଶ ଚ଼ନ୍ଦ୍ର ନାୟକ ସେଠାକୁ ଯାଇ ସେମାନଙ୍କୁ ଫଟୋ ଉଠାଇବାର କାରଣ ପଚ଼ାରିଥିଲେ । ଏଥିପାଇଁ ତାଙ୍କୁ ଟ୍ରାଫିକ ଆଇଆଇସି ନିର୍ଦ୍ଦେଶ ଦେଇଥିବା କହିବାରେ ଦୁହେଁ ସେଠାରେ ଛିଡ଼ା ହୋଇଥିବା ପୋଲିସ୍ ଭ୍ୟାନରେ ବସିଥିବା ଟ୍ରାଫିକ ଥାନାଧିକାରୀ ହୃଦାନନ୍ଦ ବେହେରାଙ୍କ ନିକଟକୁ ଯାଇ ନିଜ ପରିଚ଼ୟ ଦେଇ ବିନା କାରଣରେ ତାଙ୍କ କାରର ଫଟୋ ଉଠାଇବା ସମ୍ପର୍କରେ ପଚ଼ାରିଥିଲେ । ଏହାପରେ ଥାନାରେ ଦଶହରା ପୂଜା ହେବ, ତେଣୁ ସେମାନଙ୍କୁ ପୂଜା ଖର୍ଚ୍ଚ ପାଇଁ ହଜାରେ ଟଙ୍କା ଦେବାକୁ ଆଇଆଇସି ପରାମର୍ଶ ଦେବା ସହ ନ ଦେଲେ ସେ ଗାଡ଼ି ଉପରେ ପାଞ୍ଚ ହଜାର ଟଙ୍କାର ଚ଼ାଲାଣ କାଟି ଦିଆଯିବ ବୋଲି ଡ଼ର ଦେଖାଇଥିଲେ । ଜଣେ ଥାନାଧିକାରୀଙ୍କଠାରୁ ଖୋଲାଖୋଲି ଭାବରେ ଏଭଳି ବଟି ମାଗୁଥିବା ଘଟଣାରେ ଉଭୟେ ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ଏହାର ପ୍ରତିବାଦ କରିବାରୁ ଶ୍ରୀ ବେହେରା ସେଥିରେ ଉତକ୍ଷିପ୍ତ ହୋଇ ଆଇନଜୀବି ଶ୍ରୀ ସାହୁଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏହା ଦେଖି ପାଖରେ ଉପସ୍ଥିତ ଥିବା ନୋଟାରୀ ଶ୍ରୀ ନାୟକଙ୍କ ସମେତ ସ୍ଥାନୀୟ କିଛି ବ୍ୟବସାୟୀ ସମ୍ମିଳିତ ଭାବେ ଥାନାଧିକାରୀଙ୍କ ଏତାଦୃଶ ବ୍ୟବହାରର ଦୃଢ଼ ପ୍ରତିବାଦ କରିବା ପରେ ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କା କରି ଆଇଆଇସି ତାଙ୍କ ସହଯୋଗୀ କନଷ୍ଟେବଲଙ୍କୁ ଧରି ସେ ସନ୍ଧ୍ୟା ବେଳକୁ ଏହାର ପରିଣତି ଦେଖାଇ ଦେବେ ବୋଲି ଶ୍ରୀ ସାହୁଙ୍କୁ ଧମକ ଦେଇ ଗାଡ଼ିରେ ବସି ସେଠାରୁ ଥାନାକୁ ପଳାଇ ଯାଇଥିଲେ । ଏହାପରେ ଶ୍ରୀ ସାହୁ ସେଠାରୁ ସଙ୍ଗେ ସଙ୍ଗେ ଯାଜପୁର ଏସପି ରାହୁଲ୍ ପି ଆରଙ୍କୁ ଫୋନ୍ ଯୋଗେ ଟ୍ରାଫିକ ଆଇଆଇସିଙ୍କ ଏଭଳି କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଇ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିବା ପରେ ନିଜ କାର ନେଇ ଘରକୁ ଚ଼ାଲିଗଲେ । ସେଦିନ ସନ୍ଧ୍ୟାରେ ସେ ନିଜ ଘରେ ଥିବା ବେଳେ ସନ୍ଧ୍ୟା ୬.୫୬ ସମୟରେ ଚ଼ଣ୍ଡିଖୋଲ ଛକରେ ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚ଼ାଳନା କରିବା ଓ କର୍ତ୍ତୃପକ୍ଷଙ୍କ ଆଦେଶର ଅବଜ୍ଞା କରିବା ନେଇ ତାଙ୍କ କାର ଉପରେ ୨ହଜାର ଟଙ୍କା ଜରିମାନା ଲାଗୁ କରାଯାଇଥିବା ନେଇ ବାହନ ପୋର୍ଟାଲରୁ ଫୋନରେ ଏକ ଏସଏମଏସ୍ ପାଇ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ । ପରଦିନ ଏଥିନେଇ ସେ ସ୍ଥାନୀୟ ପୋଲିସକୁ ଅବଗତ କରାଇବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ପରେ ଶେଷରେ ଗତ ୧୦ ତାରିଖ ଦିନ ଶ୍ରୀ ସାହୁ ଚ଼ଣ୍ଡିଖୋଲ ଜେଏମଏଫସି କୋର୍ଟଙ୍କ ଇଜଲାସରେ ଏକ ଅଭିଯୋଗ ଫର୍ଦ୍ଦ ଦାଖଲ କରି କୋର୍ଟ ଆଗରେ ନିଜର ବୟାନ ସହ ପ୍ରତ୍ୟକ୍ଷଦର୍ଶୀ ନୋଟାରୀ ରମେଶ ଚ଼ନ୍ଦ୍ର ନାୟକ ମଧ୍ୟ ନିଜର ବୟାନ ପ୍ରଦାନ କରିଥିଲେ । ଏହାପରେ କୋର୍ଟ ଏଭଳି ଏକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଚ଼ଣ୍ଡିଖୋଲ ଏକ ସହରାଞ୍ଚଳ ନୁହେଁ କି ଏଠାରେ କୌଣସି ନୋଟିଫାଏଡ୍ ନୋ ପାର୍କିଂ ଜୋନ୍ ନ ଥିବା ବେଳେ ଶ୍ରୀ ବେହେରା ଚ଼ଣ୍ଡିଖୋଲ ଟ୍ରାଫିକ ଥାନାରେ ଆଇଆଇସି ଭାବେ ଯୋଗ ଦେବା ପରେ ପ୍ରତ୍ୟହ ସେ ତାଙ୍କ ସହଯୋଗୀ କନଷ୍ଟେବଲଙ୍କ ଦ୍ୱାରା ବଜାରର ସର୍ଭିସ୍ ରୋଡ଼ କଡ଼ରେ ପାର୍କିଂ ହେଉଥିବା ଚ଼ାରି ଚ଼କିଆ ଯାନ ଗୁଡ଼ିକର ଫଟୋ ଉଠାଇ ସେହି ଗାଡ଼ିର ଚ଼ାଳକ ଓ ମାଲିକ ମାନଙ୍କଠାରୁ ବଟି ଦାବୀ କରିଥାନ୍ତି ଏବଂ ଯଦି କେହି ଏହାର ପ୍ରତିବାଦ କଲେ ବା ବଟି ନ ଦିଅନ୍ତି ପରବର୍ତ୍ତୀ ସମୟରେ ସେହି ଫଟୋକୁ ବ୍ୟବହାର କରି ବିନା କାରଣରେ ସେ ଗାଡ଼ି ଉପରେ ମୋଟା ଅଙ୍କର ଜରିମାନା ଲାଗୁ କରି ଅନଲାଇନ୍ ମାଧ୍ୟମରେ ଚ଼ାଲାଣ କରି ଲୋକଙ୍କୁ ଅସୁବିଧାରେ ପକାଉଥିବ ନେଇ ଅଭିଯୋଗ ହୋଇ ଆସୁଛି । ଉଲ୍ଲେଖଯୋଗ୍ୟ ଯେ ଚ଼ଳିତ ମାସରେ ଟ୍ରାଫିକ ଆଇଆଇସି ହୃଦାନନ୍ଦ ବେହେରାଙ୍କର ଡିଏସପି ଭାବେ ପଦୋନ୍ନତି ହୋଇଥିଲା ବେଳେ ଏବେ ଏହି ଧର୍ଷଣ ମାମଲାଟି ତାଙ୍କୁ ନିଶ୍ଚିତ ଭାବେ ଅଡୁଆରେ ପକାଇବାର ସମ୍ଭାବନା ରହିଛି । ଆବେଦକାରୀଙ୍କ ପକ୍ଷରୁ ଆଇନଜୀବି ପ୍ରତାପ କୁମାର ଦାସ, କୈଳାସ ଚ଼ନ୍ଦ୍ର ସାମଲ ଓ ବିଜୟ ରାଉଳ ପ୍ରମୁଖ ମାମଲା ପରିଚ଼ାଳନା କରୁଛନ୍ତି ।

## ବିଦ୍ୟାଳୟର ମୁଖ୍ୟ ଫାଟକ ତାଲା ଭାଙ୍ଗିଲେ ସରପଂଚ, ଥାନାରେ ଅଭିଯୋଗ

ଖୋର୍ଦ୍ଧା, (ପିଏନ): ବୋଲଗଡ ବ୍ଲକ ଗେଡିଆପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିସରରେ ସ୍ଥାନୀୟ ସରପଂଚ ଅର୍ଜୁନ ବେହେରା ୨ଲକ୍ଷ ଅନୁଦାନ ରାଶିରେ କଂକ୍ରିଟ ରାସ୍ତା ପରିଚାଳନା କମିଟିକୁ ନଜଣାଇ ତରବରିଆ ଭାବେ ନିମ୍ନ ମାନର କାର୍ଯ୍ୟ କରୁଥିଲେ । ଏଥିରେ ପରିଚାଳନା କମିଟିର ସଦସ୍ୟ ମାନେ ହସ୍ତକ୍ଷେପ କରି ଅଭିଯୋଗ କରିଥିଲେ ମଧ୍ୟ କୌଣସି କଥାକୁ ଶୁଣି ନ ଥିଲେ । ଏ ନେଇ ଆଜି ପୂର୍ବାହ୍ନରେ ବିଦ୍ୟାଳୟର ମୁଖ୍ୟ ଫାଟକର ତାଲା ଭାଙ୍ଗି ମନଇଚ୍ଛା କାର୍ଯ୍ୟ କରିଥିବାରୁ ପରିଚାଳନା କମିଟିର ସଭାପତି ଦିଲ୍ଲୀପ କୁମାର ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟମାନେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଘଟଣା ସମ୍ପର୍କରେ ଅଧିକ ସୂଚନା ପାଇବା ପାଇଁ ସ୍ଥାନୀୟ ସରପଂଚ ଶ୍ରୀ ବେହେରାଙ୍କୁ ଆମ ପ୍ରତିନିଧି ଫୋନ କରିଥିଲେ ମଧ୍ୟ ତାହା ସ୍ୱିଚ ଅଫ ଥିଲା ।

## ସ୍ୱତନ୍ତ୍ର ବିଦ୍ୟାଳୟକୁ ସରକାରୀକରଣ କରିବାକୁ ୟୁଟିଆର ଦାବି




ଫୁଲନଖରା, (ପି.ଏନ): ଓଡ଼ିଶା ଶିକ୍ଷା ଆଇ ୧୯୬୯ ଅନୁଯାୟୀ ରାଜ୍ୟର ୧୦୪ଟି ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକର ଶିକ୍ଷକ ଓ କର୍ମଚାରୀମାନେ ରାଜ୍ୟ ସରକାରଙ୍କଠାରୁ ସ୍ୱୀକୃତି ଓ ଅନୁଦାନ ପାଇଆସୁଛନ୍ତି। ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ଉକ୍ତ ଅନୁଷ୍ଠାନଗୁଡ଼ିକର ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ପାଇଁ କର୍ମଚାରୀମାନଙ୍କର ଅବଦାନ ଅତୁଳନୀୟ। କିନ୍ତୁ ଚାକିରିରୁ ଅବସର ପରେ ଶିକ୍ଷକମାନେ ପେନସନ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଉକ୍ତ ଶିକ୍ଷକମାନେ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରାପ୍ତ ହୋଇ ସ୍ୱତନ୍ତ୍ର ବିଦ୍ୟାଳୟଗୁଡ଼ିକର ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାଦାନ କରୁଥିବାରୁ ସେମାନଙ୍କ ପ୍ରତି ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକବୋଲି ୟୁଟିଆ ଶିକ୍ଷକ ସଂଘ ରାଜ୍ୟ ସଭାପତି ଡଃ.ଯୁଧିଷ୍ଠିର ଖଟୁଆ କହିଛନ୍ତି। ଦୃଷ୍ଟିହୀନ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଚାଲିଥିବା ଧାରଣାସ୍ଥଳରେ ଯୋଗଦେଇ ଡଃ.ଖଟୁଆ ଉଦବୋଧନ ଦେଇ ଏପରି ମତବ୍ୟକ୍ତ କରିବା ସହିତ ସରକାର ତୁରନ୍ତଏହାର ବିଚାର କରିବାକୁ ସେ ଦାବି କରିଛନ୍ତି।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray